ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.203 Bhubaneswar Wednesday September 21 2022 | ୨୫ତମ ବର୍ଷ ସଂଖ୍ୟା–୨୦୩ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଡବ୍ଲ୍ୟୁଓଡିସିରୁ ବିଦା ହେବେ ଅସିତ୍ , ଖୁବଶୀଘ୍ର ବିଜେଡିର ଥଇଥାନ ପର୍ବ !



ଭୁବନେଶ୍ୱର,୨୦।୯(ପି.ଏନ): ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର କରୁଥିବା ବିଜେଡି ଖୁବଶୀଘ୍ର ନିଜର ନେତାମାନଙ୍କୁ ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରିବାକୁ ଯାଉଛି । ଚଳିତ ପିତୃପକ୍ଷ ବା ମହାଳୟା ପରେ ଯେକୌଣସି ମୁହୂର୍ତ୍ତରେ ବିଜେଡି ସରକାରଙ୍କ ପକ୍ଷରୁ ନେତାମାନଙ୍କ ସରକାରୀ ଥଇଥାନ ସଂକ୍ରାନ୍ତ ଘୋଷଣା ହୋଇପାରେ । ଏପଟେ ପଶ୍ଚିମଓଡିଶାରେ ନିଜର ସଂଗଠନକୁ ଅଧିକ ସକ୍ରିୟ ଓ ସୁଦୃ? କରିବା ପାଇଁ ପଶ୍ଚିମଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ପଦରୁ ଅବସରପ୍ରାପ୍ତ ଆଇଏଏସ୍ ଅସିତ୍ କୁମାର ତ୍ରିପାଠୀଙ୍କୁ ବିଦା କରି ଦଳ ଜଣେ ରାଜନୀତିକ ବ୍ୟକ୍ତିଙ୍କୁ ଥଇଥାନ କରିବ ବୋଲି ସୂଚନା ମିଳିଛି ।ସୂତ୍ର ଅନୁସାରେ, ମୁଖ୍ୟ ସଚିବ ପଦରୁ ଅବସର ନେବାପରେ ଆଇଏଏସ୍ ଅସିତ୍ ତ୍ରିପାଠୀଙ୍କୁ ରାଜ୍ୟ ସରକାର ୨୦୨୦ ଡିସେମ୍ବର ମାସରେ ପଶ୍ଚିମଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଭାବେ ଥଇଥାନ କରିଥିଲେ । ଏହା ସହିତ ତାଙ୍କୁ ଶିଳ୍ପ, ପର୍ଯ୍ୟଟନ, ଆଂଚଳିକ ବିକାଶ ଓ କୃଷିବ୍ୟବସାୟ କ୍ଷେତ୍ର ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ଅବସ୍ଥାପିତ କରାଯାଇଥିଲା । କିନ୍ତୁ ପଶ୍ଚିମଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଭଳି ଏକ ରାଜନୀତିକ ପଦବୀରେ ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତି ବିଜେଡି ପାଇଁ ରାଜନୀତିକ ଦୃଷ୍ଟିରୁ କୌଣସି ଫାଇଦା ଦେଉନଥିବାରୁ ତାଙ୍କୁ ସେଠାରୁ ହଟାଇବାକୁ ନିଷ୍ପତ୍ତି ହୋଇଛି । ଶ୍ରୀ ତ୍ରିପାଠୀ ଏବେ ପ୍ରତିଷ୍ଠିତ ଭୁବନେଶ୍ୱର କ୍ଲବ ସଭାପତି ଭାବେ କାର୍ଯ୍ୟ କରୁଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ମଧ୍ୟ ଅଛନ୍ତି । ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ପଦବୀ ଭାବେ ତାଙ୍କୁ କ୍ୟାବିନେଟ୍ ପାହ୍ୟାର ସୁବିଧାସୁଯୋଗ ମିଳିଥିଲେ ମଧ୍ୟ ପଶ୍ଚିମଓଡିଶାରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ଜୋରଦାର ହେବା ଓ ନିକଟ ଅତୀତରେ ୧୧ଟି ଜିଲ୍ଲାରେ ବନ୍ଦ ପାଳିତ, ସରକାରଙ୍କ ପ୍ରତି ଆଦିବାସୀମାନଙ୍କ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇବା, ପଶ୍ଚିମଓଡିଶାର ବିଜେଡି ନେତାମାନଙ୍କ ସହ ଉତ୍ତମ ଯୋଗସୂତ୍ର ନରଖିବା ଆଦି କାରଣ ପାଇଁ ଶ୍ରୀ ତ୍ରିପାଠୀ ଗତ କିଛିମାସ ଧରି ବିଜେଡି ସୁପ୍ରିମୋ ଓ ତାଙ୍କ ପରାମର୍ଶଦାତାଙ୍କ ରୋଷର ଶିକାର ହୋଇଛନ୍ତି ।କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ଶ୍ରୀ ତ୍ରିପାଠୀ ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରତିନିଧିଙ୍କୁ ସାକ୍ଷାତ ଓ ଶିଳ୍ପାଂଚଳ ଗସ୍ତ କରି ରାଜ୍ୟରେ ଶିଳ୍ପାୟନର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଥିବାବେଳେ ତାଙ୍କୁ ସେଥିରେ ଅଚାନକ ପୂର୍ଣ୍ଣଚ୍ଛେଦ ପକାଇବାକୁ ପଡିଥିଲା । ୨୦୨୦ ଡିସେମ୍ବର ମାସରୁ ସେ ଉପରୋକ୍ତ କ୍ଷେତ୍ରଗୁଡିକ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ତୃତୀୟ ମହଲା ସହ ସମନ୍ୱୟ ଅଭାବରୁ ତାଙ୍କୁ କୋଣଠେସା ହେବାକୁ ପଡିଥିବା ସୂଚନା ମିଳିଛି । ଯେଉଁଥିପାଇଁ ଦୁବାଇରେ ମୁଖ୍ୟମନ୍ତ୍ରୀଙ୍କ ନିବେଶକ ସମ୍ମିଳନୀ, ଦିଲ୍ଲୀ ଓ ମୁମ୍ବାଇରେ ମେକ୍ ଇନ୍ ଓଡିଶା କନକ୍ଲେଭ ନିମନ୍ତେ ନିବେଶକ ସମ୍ମିଳନୀ ଭଳି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କାର୍ଯ୍ୟକ୍ରମରୁ ଶ୍ରୀ ତ୍ରିପାଠୀଙ୍କୁ ଦୂରେଇ ରଖାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁମ୍ବାଇରେ ନିବେଶକଙ୍କୁ ଭେଟି ଓଡିଶାକୁ ଆମନ୍ତ୍ରଣ କରିବା ଦିନ ହିଁ ଶ୍ରୀ ତ୍ରିପାଠୀ ଭୁବନେଶ୍ୱର କ୍ଲବରେ 'ନୂଆଖାଇ' ଭେଟଘାଟ କରି ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଉଥିଲେ । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତଥା ଏହି ସମସ୍ତ କାରଣ ପାଇଁ ବିଜେଡି ନେତୃତ୍ୱ ଏବେ ଶ୍ରୀ ତ୍ରିପାଠୀଙ୍କ ଉପରେ ଆଉ ଭରସା କରିବା ମୁଡରେ ନଥିବାରୁ ତାଙ୍କୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ପଦରୁ ହଟାଇବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି ।ସେହିପରି ଗତ ଜୁନ୍ ପ୍ରଥମ ସପ୍ତାହରେ ଅପ୍ରତ୍ୟାଶିତ ଭାବେ ସମସ୍ତ ନିଗମ ଓ ବୋର୍ଡ ଅଧ୍ୟକ୍ଷ, ଉପଦେଷ୍ଟା ଆଦି ପଦରୁ ରାଜନୀତିକ ବ୍ୟକ୍ତିମାନଙ୍କୁ ହଟାଇ ଦେଇଥିବା ବିଜେଡି ସରକାର ଏବେ ଶାସକ ଦଳର ସବୁ ୱିଙ୍ଗର ଆଗଧାଡିର ନେତାମାନଙ୍କୁ ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରିବାକୁ ଯାଉଛି । ଏ ସଂକ୍ରାନ୍ତ ତାଲିକା ଚୂଡାନ୍ତ ହୋଇସାରିଥିବାବେଳେ କେବଳ ଘୋଷଣା ବାକି ରହିଥିବା ଜଣାପଡିଛି । ପିତୃପକ୍ଷ ଶେଷ ହେବାପରେ ଏହି ଥଇଥାନ ପ୍ରକ୍ରିୟା ହେବ । ଦଶହରା ଅବା ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକଙ୍କ ଜନ୍ମଦିନ ପୂର୍ବରୁ ଏହି ଘୋଷଣା ହେବ ବୋଲି ସୂଚନା ମିଳିଛି । । ଏହାସହିତ ଦଳର ଚାଷୀ, ଶ୍ରମିକ, ଅନୁସୂଚିତ ଜାତି, ଜନଜାତି ଆଦି କମିଟି ଗଠନ ପ୍ରକ୍ରିୟା ମଧ୍ୟ ଦଶହରା ପୂର୍ବରୁ ସାରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି ।

## ଅକ୍ଟୋବର ପହିଲା ସୁଦ୍ଧା କମ୍ପ୍ୟୁଟରୀକରଣ ହେବ ୨୬୦୦ ପାକ୍ସ

ଭୁବନେଶ୍ୱର, ୨୦।୯(ପି.ଏନ): ସମବାୟ ବିଭାଗରେ ୫ଟି ଆଧାରରେ ସମସ୍ତ କାର୍ଯ୍ୟ ସମ୍ପାଦନ ଉପରେ ଖାଦ୍ୟ ଯୋଗାଣ , ଖାଉଟି କଲ୍ୟାଣ , ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗୁରୁତ୍ୱ ଆରୋପ କରିଛନ୍ତି । ରାଜ୍ୟର ସମସ୍ତ ୨୭୧୦ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଗୁଡିକୁ କମ୍ପ୍ୟୁଟରୀକରଣ କରି ଚାଷୀମାନଙ୍କୁ ସେବା ପ୍ରଦାନ କରିବା ଦିଗରେ ବିଭାଗ ତରଫରୁ ଆବଶ୍ୟକ ପଦ କ୍ଷେପଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ପାକ୍ସ ଗୁଡିକର କମ୍ପ୍ୟୁଟରୀକରଣ ସଂପର୍କରେ ମନ୍ତ୍ରୀ ଶ୍ରୀ ନାୟକ ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ପ୍ରକାଶ ଯେ ରାଜ୍ୟରେ ୨୭୧୦ ଟି ପାକ୍ସ ଥିବା ବେଳେ ଆସନ୍ତା ଅକ୍ଟୋବର ପହିଲା ସୁଦ୍ଧା ୨୬୦୦ ଟି ପାକ୍ସର କମ୍ପ୍ୟୁଟରୀକରଣ ସହିତ ଡାଟା ଏଣ୍ଟ୍ରି ଅପରେଟର ( ଡିଇଓ ) ବା ଆବଶ୍ୟକ ମାନବ ସମ୍ବଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ତରଫରୁ ପଦାଧିକାରୀମାନେ କ୍ଷେତ୍ରଉପରେ କାର୍ଯ୍ୟ ତଦାରଖ କରୁଛନ୍ତି । କମ୍ପ୍ୟୁଟରୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହିତ ଆସନ୍ତା ୧୦ ତାରିଖରୁ ପାକ୍ସ ଗୁଡିକ ପେପରଲେସ୍ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ଲକ୍ଷ୍ୟ ରଖା ଯାଇଛି । ଡି.ଆର.ସି.ଏସ୍ , ଏ.ଆର.ସି.ଏସ୍ ଏବଂ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସିଇଓ ମାନେ ଚଳିତ ମାସ ୩୦ ତାରିଖ ସୁଦ୍ଧା ସମସ୍ତ ୨୧୧୦ ପାକ୍ସର ନଥିପତ୍ର ଅପଡେଟ୍ କାର୍ଯ୍ୟ ତଦାରଖ କରି ରିପୋର୍ଟ ଦେବା ପଇଁ କୁହାଯାଇଛି । ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ଭାବେ ଡିଇଓ ନିଯୁକ୍ତ କରିବା , ଅନ୍ ସାଇଟ ସହାୟତା ନିମିତ୍ତ ଭି-ସଫ୍ଟ ତରଫରୁ ୩୦ ଜଣ ବୈଷୟିକ କର୍ମଚାରୀ ପ୍ରତି ଜିଲ୍ଲାରେ ରହିବେ । ସେହିପରି ପାକ୍ସଗୁଡିକରେ ଅନ ଲାଇନ କାର୍ଯ୍ୟ ସମ୍ପାଦନ ପାଇଁ ସମିତିର ସମ୍ପାଦକ ଓ ଡିଇଓ ମାନଙ୍କୁ ମାଷ୍ଟର ଟ୍ରେନରମାନେ ଚଳିତ ମାସ ୨୫ ତାରିଖ ସୁଦ୍ଧା ଆବଶ୍ୟ ତାଲିମ୍ ପ୍ରଦାନ କରିବେ । ପ୍ରକାଶ ଥାଉକି ଏହି କମ୍ପ୍ୟୁଟରୀକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୪୮.୭୭ କୋଟି ଟଙ୍କା ଏବଂ ନେଟ୍ ୱାର୍କ ସଂଯୋଗୀକରଣ ପାଇଁ ୫ କୋଟି ଟଙ୍କା ଯୋଗାଇ ଦେଇଛନ୍ତି ।ଲୋକସେବା ଭବନ ସ୍ଥିତ ମନ୍ତ୍ରୀ ଶ୍ରୀ ନାୟକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ସମବାୟ ବିଭାଗ ଶାସନ ସଚିବ ସଞ୍ଜିବ କୁମାର ଚଢା , ସମବାୟ ସମିତି ନିବନ୍ଧକ ୟୁ.ସି ମାଝି ,ରାଜ୍ୟ ସମବାୟ ବ୍ୟାଙ୍କ ଏମ.ଡି ଗୋପବନ୍ଧୁ ଶତପଥୀ ଏବଂ ଅତିରିକ୍ତ ସଚିବ ସୁଦର୍ଶନ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ରାଜନାଥ ସିଂ – ଇଜିପ୍ଟ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ କାଇରୋରେ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ, ୨୦।୯(ପି.ଏନ): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୧୯ ତାରିଖରେ କାଇରୋରେ ଇଜିପ୍ଟର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ମହମ୍ମଦ ଜାକିଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଶ୍ରୀ ରାଜନାଥ ସିଂ ବର୍ତ୍ତମାନ ଇଜିପ୍ଟ ଗସ୍ତରେ ରହିଛନ୍ତି । ତାଙ୍କୁ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହେବା ପୂର୍ବରୁ କାଇରୋ ସ୍ଥିତ ପ୍ରତିରକ୍ଷା ମନ୍ତ୍ରଣାଳୟରେ ସେରିମୋନିଆଲ୍ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଛି । ବୈଠକ ସମୟରେ ଉଭୟ ପକ୍ଷ ପ୍ରତିରକ୍ଷା ସମ୍ପର୍କକୁ ମଜବୁତ୍ କରିବା ଦିଗରେ ମିଳିତ ସୈନ୍ୟାଭ୍ୟାସ ବଢ଼ାଇବା ଏବଂ ପ୍ରଶିକ୍ଷଣ, ବିଶେଷ କରି ଆତଙ୍କବାଦ ବିରୋଧୀ କାର୍ଯ୍ୟକଳାପ କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ସୈନ୍ୟକର୍ମୀମାନଙ୍କର ଆଦାନ ପ୍ରଦାନ ଉପରେ ସହମତି ପ୍ରକାଶ କରିଛନ୍ତି । ଉଭୟ ମନ୍ତ୍ରୀ ଭାରତ ଏବଂ ଇଜିପ୍ଟର ରକ୍ଷା ଉଦ୍ୟୋଗ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ଅବଧିରେ ସହଯୋଗ ବଢ଼ାଇବା ପାଇଁ ପ୍ରସ୍ତାବ ଉପରେ ଧ୍ୟାନ ପ୍ରଦାନ କରିବା ଉପରେ ସହମତି ପ୍ରଦାନ କରିଛନ୍ତି । ସେମାନେ କ୍ଷେତ୍ରୀୟ ସୁରକ୍ଷା ଉପରେ ବିଚାରର ଆଦାନ ପ୍ରଦାନ କରିଛନ୍ତି ତଥା ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାରେ ଭାରତ ତଥା ଇଜିପ୍ଟର ଯୋଗାଦାନକୁ ରେଖାଙ୍କିତ କରିଛନ୍ତି । ଉଭୟ ପକ୍ଷ ଏହି ବିଷୟ ଉପରେ ଖୁସି ପ୍ରକାଶ କରିଛନ୍ତି ଯେ କୋଭିଡ୍ ୧୯ ମହାମାରୀ ସତ୍ତ୍ୱେ ଗତ ବର୍ଷ ସମୟରେ ଉଭୟ ଦେଶ ମଧ୍ୟରେ ରକ୍ଷା କାର୍ଯ୍ୟକାରୀତା ଓ ଆଦାନ-ପ୍ରଦାନର ଗତି ତୀବ୍ର ରହିଛି । ଇଜିପ୍ଟର ରାଷ୍ଟ୍ରପତି ଶ୍ରୀଆବଦେଲ୍ ଫତାହ-ଅଲ୍ –ସିସି ଙ୍କ ସହିତ ରକ୍ଷା ମନ୍ତ୍ରୀ ରାଜନାଥ ସିଂ ଙ୍କ ସାକ୍ଷାତ ପରେ ଉଭୟ ରକ୍ଷା ମନ୍ତ୍ରୀ ଦ୍ୱିପାକ୍ଷୀୟ ସହଯୋଗ ବିଷୟରେ ସୁରକ୍ଷା ଏବଂ ରକ୍ଷା ପକ୍ଷର ବୃଦ୍ଧି ଉପରେ ସହମତି ବ୍ୟକ୍ତ କରିଛନ୍ତି । ଉଭୟ ରକ୍ଷା ମନ୍ତ୍ରୀ ରକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣା ରାଜିନାମା ଉପରେ ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣା ରାଜିନାମା ପାରସ୍ପରିକ ହିତର ସମସ୍ତ କ୍ଷେତ୍ରରେ ରକ୍ଷା ସହଯୋଗ ବଢ଼ାଇବାର ମାର୍ଗକୁ ପ୍ରଶସ୍ତ କରିବ । ଶ୍ରୀ ରାଜନାଥ ସିଂ ଭାରତ-ଆଫ୍ରିକା ରକ୍ଷା ସମ୍ବାଦ ଏବଂ ଆଇଓଆର ରକ୍ଷା ମନ୍ତ୍ରୀମାନଙ୍କର ସମ୍ମିଳନୀରେ ଭାଗ ନେବା ପାଇଁ ଇଜିପ୍ଟ ସମକକ୍ଷଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ୧୨ଶ ଡେଫ୍ ଏକ୍ସପୋର ଭାଗ ରୂପେ ଗୁଜରାଟର ଗାନ୍ଧୀନଗରରେ ୧୮–୨୨ ଅକ୍ଟୋବର ମଧ୍ୟରେ ଆୟୋଜିତ ହେବ । ଦିନ ବ୍ୟାପି ନିଜର କାର୍ଯ୍ୟକ୍ରମ ସମୟରେ ରକ୍ଷା ମନ୍ତ୍ରୀ କାଇରୋରେ ଅଜ୍ଞାତ ସୈନ୍ୟ ସ୍ମାରକ ଏବଂ କାଇରୋର ପୂର୍ବ ରାଷ୍ଟ୍ରପତି ଅନୱର-ଅଲ-ସାଦାତ୍ ଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି ।

## ରାଜଧାନୀରେ ୩୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର ,୨୦।୯(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ମୋଟ ୩୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୫୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୬୦୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୬୩ ହଜାର ୭୧୨ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୬୭୫ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି ।

## ଏମ୍ସ ଭୁବନେଶ୍ୱରରେ ପ୍ରଥମ ସଫଳ କିଡ୍‌ନୀ ପ୍ରତିରୋପଣ

ଭୁବନେଶ୍ୱର,୨୦।୯(ପି.ଏନ): ଏମ୍ସ ଭୁବନେଶ୍ୱର ଏହାର ପ୍ରଥମ ଦଶନ୍ଧିର ସଫଳ ଯାତ୍ରାରେ ଆଉ ଏକ ମାଇଲଖୁଂଟ ଯୋଡ଼ିଛି । ଏମ୍ସ ଭୁବନେଶ୍ୱରରେ ସଫଳତାର ସହିତ ବହୁପ୍ରତିକ୍ଷୀତ ପ୍ରଥମ କିଡ୍‌ନୀ ପ୍ରତି ?ରୋପଣ ସମ୍ପନ୍ନ ହୋଇଛି । ଗତମାସ ୩୦ରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ କିଡ୍‌ନୀ ପ୍ରତିରୋପଣ ସଫଳ ହୋଇଛି । ଅସୁସ୍ଥ ପୁଅଙ୍କୁ ପିତା ନିଜ କିଡ୍‌ନୀ ଦାନ କରିଥିଲେ । ପ୍ରତିରୋପଣ ପରେ ଉଭୟ ପିତା ପୁତ୍ର ସୁସ୍ଥ ଅଛନ୍ତି । କିଡ୍‌ନୀ ଦାତାଙ୍କୁ ପ୍ରତିରୋପଣର ତୃତୀୟ ଦିନରେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଥିଲା । ସେହିପରି କିଡ୍‌ନୀ ପ୍ରତିରୋପଣ ହୋଇଥିବା ଯୁବକଙ୍କୁ ମଧ୍ୟ ଇତିମଧ୍ୟରେ ଡିସ୍‌ଚାର୍ଜ କରାଯାଇଛି । ପରେ ଯୁବକଙ୍କ ପରିସ୍ରା ଫଳାଫଳ, ରକ୍ତ ପରୀକ୍ଷା ଫଳ ଏବଂ କ୍ରିଏଟିନାଇନ୍ ସ୍ତର ସାଧାରଣ ରହିଥିବା ଚିକିତ୍ସକମାନେ ପ୍ରକାଶ କରିଛନ୍ତି । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ମଧୁମେହ(ଡାଇବେଟିସ୍), ଉଚ୍ଚ ରକ୍ତଚାପ ଏବଂ ଅନ୍ୟାନ୍ୟ କିଡ୍‌ନୀ ରୋଗର ବୃଦ୍ଧି ସହିତ ସମାଜରେ କ୍ରୋନିକ୍ କିଡନୀ ରୋଗ (ସିକେଡି) ସଂଖ୍ୟା ବୃଦ୍ଧି ପାଉଛି । ଏଣୁ ପୂର୍ବ ଭାରତରେ ବୃକକ୍ ପ୍ରତିରୋପଣ ସେବାର ଆବଶ୍ୟକତା ବୃଦ୍ଧିପାଉଛି । ଘରୋଇ ଡାକ୍ତରଖାନାଗୁଡ଼ିକରେ ପ୍ରତିରୋପଣ ପ୍ରକ୍ରିୟା ବ୍ୟୟବହୁଳ ହୋଇଥାଏ । ମାତ୍ର ଏମ୍ସରେ ଏହି ସେବା ଆରମ୍ଭ ହେବାରୁ ସମାଜର ସମସ୍ତ ବର୍ଗର ଲୋକ ସୁଲଭ ମୂଲ୍ୟରେ ପ୍ରତିରୋପଣ ସେବାର ଲାଭ ନେବା ସହିତ ସୁସ୍ଥ ରହିପାରିବେବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି । ଏଥିସହିତ ଏମ୍ସ ଭୁବନେଶ୍ୱର ନିକଟ ଭବିଷ୍ୟତରେ ଯକୃତ ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ଆରମ୍ଭ କରିବା ନେଇ ପ୍ରକ୍ରିୟା ଆରମ୍ଭ କରିଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି । କିଡ୍‌ନୀ ପ୍ରତିରୋପଣ କରିଥିବା ଡାକ୍ତରୀ ଦଳରେ ନେଫ୍ରୋଲୋଜି (ବୃକକ୍) ବିଭାଗର ଡ. ସନ୍ଦିପ ପଣ୍ଡା ନେତୃତ୍ୱ ନେଇଥିଲେ । ସେହିପରି ସର୍ଜିକାଲ ଟିମ୍ ର ମୁଖ୍ୟ ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକଙ୍କ ନେତୃତ୍ୱରେ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ. ମନୋଜ ଦାସ, ଡ. ସ୍ୱର୍ଣ୍ଣେନ୍ଦୁ ମଣ୍ଡଳ, ଡ. ସମ୍ବିତ ତ୍ରିପାଠୀ ପ୍ରମୁଖ ଡାକ୍ତରୀ ଦଳର ଅଂଶ ଥିଲେ । ଏଥିସହିତ ଅନ୍ତଃଅନୁଷ୍ଠାନ ସହଯୋଗ ସ୍ୱରୂପ ପିଜିଆଇଏମ୍‌ଇଆର ଚଣ୍ଡିଗଡ଼ର ପ୍ରଫେସର ଦୀପେଶ ବେଞ୍ଜାମିନ୍ କେନୱାର ଏମ୍ସରେ ହୋଇଥିବା କିଡନୀ ପ୍ରତିରୋପଣରେ ପରାମର୍ଶ ଦେବା ନିମନ୍ତେ ଉପସ୍ଥିତ ଥିଲେ । ପ୍ରଫେସର ସତ୍ୟଜିତ ମିଶ୍ରଙ୍କ ନେତୃତ୍ୱରେ ଆନାସ୍ଥେସିଆ(ନିଶ୍ଚେତକ) ଦଳରେ ଡ. ଭାସ୍କର ରାଓ ଏବଂ ଡ. ସୌମ୍ୟ ସରକାର ସାମିଲ ଥିଲେ । ପ୍ରତିରୋପଣ ସଂଯୋଜକ ନିରଞ୍ଜନ ପରମାଣିକଙ୍କ ସମେତ ଓଟି ଏବଂ ଟ୍ରାନ୍ସପ୍ଲାଂଟ୍ ଆଇସିୟୁ କର୍ମଚାରୀ ଏହି ପ୍ରତିରୋପଣରେ ସହଯୋଗ କରିଥିଲେ ।

## ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୨୦।୯(ପି.ଏନ): ଉତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ଉତର-ଓଡିଶା ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର । ଏହା ଉତର-ପଶ୍ଚିମ ଦିଗରେ ଗତି କରିବା ସହ ଉତର –ଓଡିଶା ପାର୍ଶ୍ୱବର୍ତୀ ପଶ୍ଚିମବଙ୍ଗ ଉପକୂଳ ମୁହାଁ ହେବାର ସମ୍ଭାବନା ରହିଛି ।

## ଟୁରିଷ୍ଟ ବସ୍ ଓଲଟିଲା, ୧୯ ଆହତ

ଯାଜପୁର, ୨୦।୯(ପି.ଏନ): ୧୬ ନଂ ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁର ନିକଟରେ ଗତକାଲି ରାତିରେ ଭାରସାମ୍ୟ ହରାଇ ଓଲଟି ପଡିଛି ଏକ ଟୁରିଷ୍ଟ ବସ୍ । ଫଳରେ ବସ୍ ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୯ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତି କରାଯାଇଛି । ତନ୍ମଧ୍ୟରୁ ୩ ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଉତରପ୍ରଦେଶରୁ ୮୦ ଯାତ୍ରୀଙ୍କୁ ନେଇ ବସ୍ ଟି ପୁରୀ ଯାଇଥିଲା । ଏମାନେ ଜଗନ୍ନାଥ ଦର୍ଶନ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି ।

## ଫେରୁଛି ଦକ୍ଷିଣପଶ୍ଚିମ ମୌସୁମୀ

ଭୁବନେଶ୍ୱର, ୨୦।୯(ପି.ଏନ): ଆଜିଠୁ ଆରମ୍ଭ ହୋଇଛି ଦକ୍ଷିଣପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତନ ପ୍ରକ୍ରିୟା । ଆଜି ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ତାର ସ୍ୱାଭାବିକ ପ୍ରତ୍ୟାବର୍ତନ ତାରିଖ ୧୭ ସେପ୍ଟେମ୍ବର ତୁଳନାରେ ଦକ୍ଷିଣ ପଶ୍ଚିମ ରାଜସ୍ଥାନ ଏବଂ ଗୁଜୁରାଟର କଛ ଅଂଚଳରୁ ପ୍ରତ୍ୟାବର୍ତନ କରିଛି ।

## ଇସ୍ତଫା ଖବରକୁ ଖଣ୍ଡନ କଲେ ସୁର ରାଉତରାୟ

ଭୁବନେଶ୍ୱର, ୨୦।୯(ପି.ଏନ):– ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବା ଖବରକୁ ଖଣ୍ଡନ କରିଛନ୍ତି କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ ରାଉତରାୟ । ସେ କହିଛନ୍ତି, ନୂଆ ପିସିସି ଗଠନରେ ବାଲିପାଟଣାର ଜଣଙ୍କୁ ସଭ୍ୟ କରିବା ପାଇଁ ମୁଁ ପ୍ରସ୍ତାବ ଦେଇଥିଲି । ମାତ୍ର ତାଙ୍କୁ ସଭ୍ୟ କରାଯାଇ ନାହିଁ । ମୁଁ ନୁହେଁ, ସୋନିଆ ଗାନ୍ଧୀ କି ରାହୁଲ ଗାନ୍ଧୀ ଚାହିଁଲେ ବି ଶହେକୁ ଶହେ ସଭ୍ୟ ହୋଇ ପାରିବେ ନାହିଁ । ତେବେ ମୁଁ ଜିଲ୍ଲା ସଭାପତି ରହିଛି ଏବଂ ରହିବି ବୋଲି ସୁରେଶ ରାଉତରାୟ କହିଛନ୍ତି ।

## ଡାକ୍ତରଙ୍କୁ ଚପଲରେ ପିଟିଲେ ବ୍ୟବସାୟୀ



ସମ୍ବଲପୁର,୨୦।୯(ପି.ଏନ) : ଡାକ୍ତରଙ୍କୁ ଚପଲରେ ପିଟିଲେ ବ୍ୟବସାୟୀ । ଏପରି ଘଟଣା ସମ୍ବଲପୁର ଟାଉନ୍‌ରେ ଘଟିଛି । ମାଡ ଖାଇଥିବା ଡାକ୍ତର ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି । ମାଡ ମରା ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି ।ଡାକ୍ତର ଚିଦାନନ୍ଦ ମିଶ୍ର ସନ୍ ଡାଇଗ୍‌ନୋଷ୍ଟିକ୍‌ରେ ରେଡିଓଲୋଜିଷ୍ଟ ଭାବେ କାର୍ଯ୍ୟ କରନ୍ତି । ଆଜି ସକାଳେ ସମ୍ବଲପୁରର ପ୍ରତିଷ୍ଠିତ ବ୍ୟବସାୟୀ ନଟବର ବାଙ୍କା ସିଟି ସ୍କାନ କରିବା ପାଇଁ ସନ୍ ଡାଇଗ୍‌ନୋଷ୍ଟିକ୍ ?କୁ ଆସିଥିଲେ । ମାତ୍ର ଡାକ୍ତର ମିଶ୍ର ଆସିନଥିବାରୁ ସେ ସେଠାରେ ଅପେକ୍ଷା କରିଥିଲେ । ସକାଳ ୧୦ଟା ୧୦ ମିନିଟରେ ଡାକ୍ତର ମିଶ୍ର ଆସିଥିଲେ । ସେହି ସମୟରେ ଡାକ୍ତର ମିଶ୍ରଙ୍କୁ ଶ୍ରୀ ବାଙ୍କା ଚପଲ ବାହାର କରି ମାଡ ମାରିଥିଲେ । ଡାକ୍ତରଙ୍କୁ ରକ୍ଷା କରିବାକୁ ଆସି ତାଙ୍କ ଟେକ୍ନିସିଆନ୍ ମଧ୍ୟ ଚପଲରେ ମାଡ ଖାଇଥିବା ଅଭିଯୋଗ ହୋଇଛି ।ମାଡ ନେଇ ଡାକ୍ତର ମିଶ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି । ତେବେ ମାଡ ମରାର ପ୍ରକୃତ କାରଣ ଜଣାପଡି ନାହିଁ । ତେବେ ଏନେଇ ଅଭିଯୁକ୍ତଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ, ପୁଲିସ କହିଛି ଯେ ସିଟି ସ୍କାନ ସମୟରେ ମେସିନ ଭିତରେ ଅଧିକ ସମୟ ରହିବାକୁ ନେଇ ଏହି ଘଟଣା ଘଟିଛି ।

## ସେପ୍ଟେମ୍ବର ୨୨ରୁ ଯୁକ୍ତ ୨ ପାଠପଢା

ଭୁବନେଶ୍ୱର, ୨୦।୯(ପି.ଏନ): ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଯୁକ୍ତ ୨ ପ୍ରଥମ ବର୍ଷ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ । ମଙ୍ଗଳବାର ଦିନ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା କହିଛନ୍ତି । ସେ କହିଛନ୍ତି, ଏବେ ସୁଦ୍ଧା ସାଢ଼େ ୩ ଲକ୍ଷ ପିଲା ଯୁକ୍ତ ଦୁଇ ପ୍ରଥମ ବର୍ଷରେ ନାମ ଲେଖାଇ ସାରିଲେଣି । ଏତେ ସଂଖ୍ୟକ ପିଲା ନାମ ଲେଖାଇ ସାରିଥିବାରୁ ଆସନ୍ତା ୨୨ ତାରିଖରୁ ପାଠପଢ଼ା ଆରମ୍ଭ ହୋଇଯିବ ।

## ସାର ଗୋଦାମରେ କୃଷି ବିଭାଗ ପକ୍ଷରୁ ଚଢ଼ଉ

### ଜଣକ ଲାଇସେନ୍ସ ରଦ୍ଦ, ୬୭୦ ବସ୍ତା ସାର ଜବତ , ୩ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ୍

ଗଞ୍ଜାମ, ୨୦।୯(ପି.ଏନ): ଗଞ୍ଜାମ ଜିଲ୍ଲାରେ ସାରର ଅଭାବ ଓ କଳାବଜାରୀ ସମ୍ପର୍କିତ ଖବର ପରିବେଷଣ ପରେ ସକ୍ରିୟ ହୋଇଉଠିଛି ପ୍ରଶାସନ । ୟୁରିଆ ସାର କଳାବଜାର ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ଯାହାକୁ ନେଇ ଆଜି କେତେକ ସାର ଗୋଦାମରେ ଚଢ଼ଉ କରିଛି କୃଷି ବିଭାଗ । ଜଣକ ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ ୬୭୦ ବସ୍ତା ସାର ଜବତ ହୋଇଛି । ଏବଂ ୩ ଜଣ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ ହୋଇଥିବା ଦିଗପହଣ୍ଡି ବ୍ଲକ ଭାରପ୍ରାପ୍ତ କୃଷି ଅଧିକାରୀ ପଦାରବିନ୍ଦ ସାହୁ ସୂଚନା ଦେଇଛନ୍ତି । ଏହି ଚଢ଼ଉ ସମୟରେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଥଖଣ୍ଡି ପଚାଂୟତର ଚକାଡେନ୍ତୁଳି ଗ୍ରାମରେ ଘରୋଇ ଡିଲର ବୁଲୁ ସୁବୁଦ୍ଧିଙ୍କ ଲାଇସେନ୍ସ ରଦ୍ଦ କରାଯାଇ ସେ ମହଜୁଦ ରଖିଥିବା ୬୫୦ ବସ୍ତା ୟୁରିଆ ଓ ୨୦ ବସ୍ତା ଗ୍ରୋମର ସାର ଜବତ ହୋଇଛି । ସାର ବିକ୍ରୀରେ ଅନିୟମିତତା ଅଭିଯୋଗରେ ଭିଷ୍ଣୁଗିରି ଗ୍ରାମର ଦେବବ୍ରତ ଦାଶ, ସୀମାଚଂଳ ପାତ୍ର ଓ ନାଗେଶ୍ୱର ପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ ହୋଇଛି । ଏନେଇ ଅଧିକ ସୂଚନା ଦେଇ ଭାରପ୍ରାପ୍ତ କୃଷି ଅଧିକାରୀ ଶ୍ରୀ ସାହୁ କହିଛନ୍ତି ଯେ, ଚକାଡେନ୍ତୁଳି ଗ୍ରାମର ବୁଲୁ ସୁବୁଦ୍ଧି ଚଢ଼ା ଦରରେ ସାର ବିକ୍ରୀ କରୁଥିବା ଚାଷୀ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ କୃଷି ବିଭାଗର ଏନଫୋର୍ସମେଂଟ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ସାର ବିକ୍ରୀ ପୂର୍ବରୁ କୃଷି ବିଭାଗ ପକ୍ଷରୁ ସକ୍ରିୟ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଥାଏ । ସାର କିଣୁଥିବା ଚାଷୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ବୁଲୁ ସୁବୁଦ୍ଧି ନିର୍ଦ୍ଦିଷ୍ଟ ଫର୍ମାଟରେ ବିବରଣୀ ସଠିକ୍ ଭାବେ ଉଲ୍ଲେଖ କରିନଥିବା ତଦନ୍ତରୁ ଜଣାପଡିଛି । ୟୁରିଆ ବସ୍ତା ପ୍ରତି ସରକାରୀ ନିର୍ଦ୍ଧାରିତ ଦର ୨୬୬ ଟଙ୍କା ୫୦ ପଇସା ଧାର୍ଯ୍ୟ ହୋଇଥିବା ବେଳେ ୫୦୦ ରୁ ଉର୍ଦ୍ଧ୍ୱ ମୂଲ୍ୟରେ ବିକ୍ରୀ କରୁଥିବା ପ୍ରମାଣ ମିଳିଥିଲା । ଫଳରେ ତାଙ୍କର ବିକ୍ରୟ ଲାଇସେନ୍ସକୁ ରଦ୍ଦ କରାଯିବା ସହ ସେ ମହଜୁଦ ରଖିଥିବା ୬୫୦ ବସ୍ତା ୟୁରିଆ ଓ ୨୦ ବସ୍ତା ଗ୍ରୋମର ଜବତ କରାଯାଇଛି । କୃଷି ଓ ରାଜସ୍ୱ କର୍ମଚାରୀଙ୍କ ଉପସ୍ଥିତିରେ ଏହି ସାର ବିକ୍ରୟ କରାଯିବ ବୋଲି କୃଷି ଅଧିକାରୀ ଶ୍ରୀ ସାହୁ କହିଛନ୍ତି ।

## ସାଲିଆସାହିରୁ ବିପୁଳ ପରିମାଣର ଦେଶୀ ମଦ ଜବତ

ଭୁବନେଶ୍ୱର, ୨୦।୯(ପି.ଏନ): ଭୁବନେଶ୍ୱର ସାଲିଆସାହିରେ କମିଶନରେଟ୍ ପୋଲିସର ଚଢାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି । ନିଶା କାରବାର ସୂଚନା ପାଇ ମଙ୍ଗଳବାର ପୂର୍ବାହ୍ନରେ ଡିସିପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ସାଲିଆସାହିରେ ଚଢାଉ କରିଥିଲା । ଚଢାଉ ବେଳେ ସେଠାରେ ଦେଶୀ ମଦ ତିଆରି ହେଉଥିବା ଦେଖିବାକୁ ମିଳିଥିଲା । ପୋଲିସ୍ ଡିସିପିଙ୍କ ଉପସ୍ଥିତିରେ ମଦ ଜବତ କରି ନଷ୍ଟ କରିଥିଲା । ଏହାସହ ମଦ ପ୍ରସ୍ତୁତ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ରେଡ୍ ସମୟରେ ଘର ଭିତରେ ଗୁପ୍ତ ଘର ଥିବା ଦେଖିବାକୁ ମିଳିଛି । ମଦ ଜବତ ହୋଇଥିବା ଘର ଭିତରେ ଚୋରା ବାଟ ରହିଛି । ସୁଡ଼ଙ୍ଗ ଭଳି ରାସ୍ତା ଆଉ ଏକ ଘରକୁ ସଂଯୋଗ କରୁଛି । ଉକ୍ତ ଗୁପ୍ତ ଘରେ ଶହ ଶହ ଲିଟର ଦେଶୀ ମଦ ପ୍ରସ୍ତୁତ କରାଯାଉଥିଲା । ଚଢାଉ ବେଳେ ବହୁ ସଂଖ୍ୟାରେ ବ୍ୟାରେଲ୍ ରେ ମଦ ଭର୍ତି ହୋଇ ରହିଥିବା ଦେଖିବାକୁ ମିଳିଥିଲା । ଚଢାଉ ସମ୍ପର୍କରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି ପାର୍ବଣ ଋତୁକୁ ନେଇ ସ୍ପେଶାଲ ଡ୍ରାଇଭ୍ ଚାଲିଛି । ୨ ବର୍ଷ ପରେ ପୂଜା ପାଳନ ହେଉଥିବାରୁ ଅସୁବିଧା ନହେବା ଲକ୍ଷ୍ୟ ନେଇ ଚଢ଼ାଉ କରାଯାଉଛି । ଅପମିଶ୍ରିତ କରି ମଦ ପ୍ରସ୍ତୁତ କରାଯାଉଥିବାରୁ ସ୍ୱାସ୍ଥ୍ୟ ଖରାପ କରୁଛି । ତେଣୁ ଯେଉଁସବୁ ଘରେ ରେଡ୍ ହେଉଛି ଭାଙ୍ଗିବା ପାଇଁ ବିଏମସି କୁ ଲେଖାଯିବ ବୋଲି ସେ କହିଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

## କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ପୁରାଣ କାହାଣୀ

## ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ଜୟ ପଣ୍ଡାଙ୍କ ରାଜନୀତିକ ଭାଗ୍ୟ !

•••••••ଶରତ କୁମାର ରାଉତ•••••••

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ





ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶ ମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରି ପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇ ଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହେଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତ ବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତ ବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି।୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇ ଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେସନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତ ବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ "ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍" ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଉର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନଥିଲେ। ତା.୨୮.୦୫. ୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ଏହା ପରେ ପରେ ବିଜେପି ତାଙ୍କୁ ଆସାମ ରାଜ୍ୟର ପ୍ରଭାରୀ ଭାବେ ନିଯୁକ୍ତି ଦେଲା। ବୈଜୟନ୍ତ ବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା'ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା।। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇ ଦେଲେ। ଅନ୍ୟପକ୍ଷରେ ବୈଜୟନ୍ତବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇ ନ ଥିବା ସେତେବେଳେ ମନେ ହୋଇଥିଲା ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣି ପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ-୯୩୩୭୩୬୯୪୪୮*

## ଭାରତ ଯୋଡ଼ୋ ଯାତ୍ରା-ଓଡ଼ିଶା ପରିକ୍ରମାରୁ ପରିବର୍ତ୍ତନ




ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ସାଂସଦ ତଥା ଏଆଇସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଶ୍ରୀ ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଡା. ଏ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ 'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ କହିଲେ ଯେ 'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମର ଆୟୋଜନ ମୁଖ୍ୟତଃ ତିନୋଟି କାରଣ ପାଇଁ କରାଯାଇଅଛି। ପ୍ରଥମତଃ ଅର୍ଥନୈତିକ ଅସମତା, ଦ୍ୱିତୀୟତଃ ସାମାଜିକ ଧ୍ରୁବିକରଣ ଓ ତୃତୀୟତଃ ରାଜନୈତିକ କେନ୍ଦ୍ରୀକରଣ। ଭାରତ ଏହିସବୁ କାରଣ ପାଇଁ ଆଜି ଭାଙ୍ଗି ତୁଟି ଯିବା ଅବସ୍ଥାରେ ପଂହଚିଛି ବୋଲି ଏ ଦେଶର ଅଗଣିତ ଜନସାଧାରଣ ଅନୁଭବ କରିଛନ୍ତି। ଏଣୁ ଭାରତକୁ ଯୋଡ଼ି ରଖିବା ପାଇଁ 'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଶ୍ରୀ ଜୟରାମ ରମେଶ ଏହି 'ଭାରତ ଯୋଡ଼ୋ' ଯାତ୍ରାର ମୁଖ୍ୟ ଆକର୍ଷଣ ଶ୍ରୀ ରାହୁଲ ଗାନ୍ଧୀଙ୍କର ଭାରତକୁ ଯୋଡ଼ିବା ପାଇଁ ଆବେଗ ଓ ଉଦ୍‌ବେଗ ସଂପର୍କରେ କହି ସ୍ପଷ୍ଟଭାବେ ସୂଚନା ଦେଇଥିଲେ ଯେ ରାହୁଲ ଗାନ୍ଧୀ କହିଛନ୍ତି ଏ ଯାତ୍ରା ହେଉଛି ମୋର ଏକ ତପସ୍ୟା। ବର୍ଷା, ଖରାକୁ ନମାନି କାହିଁକି ଏ ଯାତ୍ରାରେ ରାହୁଲ ଗାନ୍ଧୀ ଚାଲିଛନ୍ତି ତାହା ଶ୍ରୀ ରମେଶ ସ୍ପଷ୍ଟ ଭାବେ ଉପସ୍ଥାପନା କଲେ। ସେ କହିଲେ ଯେ ମୋଦି, ଆରଏସଏସ ଓ ବିଜେପିର ଜନବିରୋଧୀ ନୀତି ନିଷ୍ପତି ପାଇଁ ଭାରତ ଆଜି ରସାତଳଗାମୀ ହୋଇପଡ଼ିଛି। ବେରୋଜଗାର, ଦାରିଦ୍ର୍ୟ, ଦରବୃଦ୍ଧି, ଜିଏସଟି ଏବଂ ଦୁଇ ପୁଂଜିପତିଙ୍କୁ ରାଷ୍ଟ୍ରର ସଂପତିକୁ ଦାନ ପ୍ରମୁଖ କଥା ଶ୍ରୀ ରମେଶ ଉଲ୍ଲେଖ କରିଥିଲେ। ଧର୍ମ, ଜାତି, ବର୍ଣ୍ଣ ଓ ଅଂଚଳର ଭେଦଭାବ ସୃଷ୍ଟିକରି ସମାଜରେ ଘୃଣା ଓ ଅସ୍ଥିରତା ବଢ଼ାଇବା ହେଉଛି ବିଜେପି ଓ ଆରଏସଏସର କାର୍ଯ୍ୟ। କେବଳ ନିର୍ବାଚନକୁ ଆଖି ଆଗରେ ରଖି ନରେନ୍ଦ୍ର ମୋଦି ଏ ହୀନ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ରାଜନୀତି କେନ୍ଦ୍ରୀକରଣ ସଂପର୍କରେ ସୂଚନା ଦେଇ ସେ କହିଲେ ଯେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ କ୍ଷମତାକୁ ନିଜ ଆୟତରେ ରଖି ଏହାକୁ ଅପବ୍ୟବହାର କରୁଛନ୍ତି। ସାମ୍ବିଧାନିକ ସଂସ୍ଥା ଆଜି ଦୁର୍ବଳ, ଏହାର ଦୁରୁପଯୋଗ ହେଉଛି। ଯେଉଁଥିପାଇଁ ଭାରତ ନିଜ ଭିତରେ ବିଭାଜିତ ହୋଇପଡ଼ିଛି।

'ଭାରତ ଯୋଡ଼ୋ' କାର୍ଯ୍ୟକ୍ରମର ସୂଚନା ଦେଇ ସେ କହିଲେ ଯେ ଏହା କନ୍ୟାକୁମାରୀଠାରୁ କାଶ୍ମିର ପର୍ଯ୍ୟନ୍ତ ଦକ୍ଷିଣରୁ ଉତର ପର୍ଯ୍ୟନ୍ତ ୩୫୭୧ କି.ମି. ଯାତ୍ରା। ଏହି ଯାତ୍ରା ପାଖାପାଖି ୧୫୦ ଦିନରୁ ଉର୍ଦ୍ଧ୍ୱ ସମୟ ଚାଲୁରହିବ। ଭାରତବର୍ଷର ୧୨ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଂଚଳ ଦେଇ ଗତି କରିବ। ଏହି ଯାତ୍ରାରେ ଲକ୍ଷ ଲକ୍ଷ ଲୋକ ନିଜକୁ ସାମିଲ କରି ଚାଲିଛନ୍ତି। ପ୍ରତିଦିନ ସକାଳରୁ ୨୩ କି.ମି. ଯାତ୍ରା କରାଯାଉଛି। ଏହି ଯାତ୍ରା ସମୟରେ ଶ୍ରୀ ରାହୁଲ ଗାନ୍ଧୀ କୃଷକ, ଶ୍ରମିକ, ମତ୍ସ୍ୟଜୀବୀ ଓ ସମାଜର ବିଭିନ୍ନ ବର୍ଗଙ୍କ ସହିତ ଆଲୋଚନା କରୁଛନ୍ତି। ଏପରିକି ବହୁମାତ୍ରାରେ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ବୁଦ୍ଧିଜୀବୀମାନେ ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରିବା ସହିତ ଆଲୋଚନା ମଧ କରୁଛନ୍ତି। ବିରୋଧୀମାନେ 'ଭାରତ ଯୋଡ଼ୋ'ର ଆବଶ୍ୟକତା ଓ ଏହା ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ପ୍ରଶ୍ନ କରୁଥିବା ବେଳେ ଶ୍ରୀ ରମେଶ କହିଲେ ଯେ ଏହା କେବଳ ଭାରତବର୍ଷକୁ ଘୃଣା, ଦ୍ୱେଷ, ହିଂସା, ଧର୍ମ ନାମରେ ବିଭାଜିତ କରୁଥିବା ଶକ୍ତିମାନେ ଏହି ପ୍ରଶ୍ନ କରୁଛନ୍ତି ବୋଲି ଉତର ରଖିଥିଲେ। ଏହି ଅବସରରେ ଶ୍ରୀ ରମେଶ କହିଥିଲେ ଯେ 'ଭାରତ ଯୋଡ଼ୋ' ଓଡ଼ିଶା କାର୍ଯ୍ୟକ୍ରମ ଅକ୍ଟୋବର ୩୧ ତାରିଖ ସ୍ୱର୍ଗତଃ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସରେ ଭୁବନେଶ୍ୱର ସ୍ଥିତ ଇନ୍ଦିରାପାର୍କଠାରୁ ଶୁଭାରମ୍ଭ କରାଯିବ। ଓଡ଼ିଶାରେ ଏକ ଯୁଗଳବନ୍ଦି ସରକାର ଚାଲିଛି। ଏମାନେ ଓଡ଼ିଶାରେ ଅଲଗାର ଛଳନା କରୁଥିଲା ବେଳେ ଦିଲ୍ଲୀରେ ଏକାଠି। ଏହି ଦୁଇ ଦଳ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ପ୍ରଧାନମନ୍ତ୍ରୀଙ୍କ ଇଂଗିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଠବସ ହୁଅନ୍ତି। ଏହି ପରିକ୍ରମା କାର୍ଯ୍ୟକ୍ରମ ଓଡ଼ିଶାରେ ପରିବର୍ତ୍ତନ ଆଣିବ। 'ଭାରତ ଯୋଡ଼ୋ' ଯାତ୍ରାର ଅଧ୍ୟକ୍ଷ ଶ୍ରୀ ଦିଗ୍‌ବିଜୟ ସିଂ ସାମ୍ବାଦିକମାନଙ୍କ ଉଦ୍ଦେଶ୍ୟରେ କହିଲେ ଏହି ଭାରତ ଯୋଡ଼୍ ମାଧ୍ୟମରେ କଂଗ୍ରେସର ଭାରତବର୍ଷର ପ୍ରତ୍ୟେକ ପରିବାରବର୍ଗଙ୍କ ପାଖରେ ବାର୍ତା ପଂହଚିବା ମୁଖ୍ୟ ଉଦ୍ଦେଶ୍ୟ। ତତ୍‌ସହିତ ଶାନ୍ତି, ସଂହତି, ସଦ୍‌ଭାବନା ଓ ଭାଇଚାରାକୁ କାୟମ ରଖିବା ଏହି ଯାତ୍ରାର ଉଦ୍ଦେଶ୍ୟ। ବୁଥ୍‌ରୁ ପ୍ରଦେଶ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା କଂଗ୍ରେସ ପଦାଧିକାରୀମାନେ କେତୋଟି ପରିବାରକୁ ଏହି ଯାତ୍ରା ସହିତ ଯୋଡ଼ିଛନ୍ତି, ତା'ର ମଧ୍ୟ ତଥ୍ୟ ରହିବ ବୋଲି କହିଛନ୍ତି।

ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ 'ଭାରତ ଯୋଡ଼ୋ'- ଓଡ଼ିଶା କାର୍ଯ୍ୟକ୍ରମରେ ସବିଶେଷ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ଏହି ଯାତ୍ରା ରାଜ୍ୟର ୨୬ଟି ଜିଲ୍ଲାରେ ୨୨୫୦ କି.ମି. ପଦଯାତ୍ରା ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ। ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁଆରୀ ୩୦ ତାରିଖରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ନବୀନ ସରକାର ଓଡ଼ିଶାର ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ବର୍ଷକୁ ୨ଲକ୍ଷ ଚାକିରି, ପ୍ରତ୍ୟେକ ବ୍ଲକରେ ୩୫% ଚାଷଜମିରେ ଜଳସେଚନ ଯୋଗାଇବା, ଉତମ ସ୍ୱାସ୍ଥ୍ୟ ଯୋଗାଇଦେବା, କୃଷିଭିତିକ ଶିଳ୍ପ ସହିତ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ବହୁକିଛି କରିବାର ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ୨୨ ବର୍ଷ ଭିତରେ ଆଜି ସ୍କୁଲର ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଲକ୍ଷ ଲକ୍ଷ ଯୁବକ ବେକାର, ଶିକ୍ଷିତ ଯୁବକଯୁବତୀମାନଙ୍କୁ ଠିକା କର୍ମଚାରୀ ରୂପେ ନିଯୁକ୍ତି ଦିଆଯାଉଛି। କୃଷକ ଆତ୍ମହତ୍ୟା ଓ ସଂଗଠିତ ଅପରାଧରେ ସାଇବର ଠକାଇ ଆଦି ରାଜ୍ୟରେ ଚରମ ସୀମାରେ ପଂହଚିଲାଣି। ଠିକ୍ ସେହିଭଳି ଭାବରେ ୮ ବର୍ଷ ଭିତରେ ମୋଦି ସରକାର ଭାରତବାସୀଙ୍କୁ ଯେତେସବୁ ପ୍ରତିଶ୍ରୁତି ଦେଇଥିଲେ ଗୋଟିଏ ବି ପ୍ରତିଶ୍ରୁତିକୁ ପାଳନ କରିବାରେ ସମର୍ଥ ହୋଇନାହାନ୍ତି। ୨ କୋଟି ଚାକିରି, ୧୫ ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ, କଳାଧନ ଫେରାଇ ଆଣିବା କଥା ଏକ ଭେଳିକିରେ ପରିଣତ ହୋଇଛି। ଦରଦାମ ବୃଦ୍ଧିରେ ଆଜି ସାରାଦେଶ ହନ୍ତସନ୍ତ। ଏହି ପଦଯାତ୍ରାର ସୁପରିଚାଳନା ପାଇଁ ଜିଲ୍ଲା ସଂଯୋଜକ, ବ୍ଲକ ସଂଯୋଜକ ଏବଂ ପଂଚାୟତ ସଂଯୋଜକ, ବୁଥ ସଂଯୋଜକ, ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନ ମାନଙ୍କର ସଂଯୋଜକ ନିଯୁକ୍ତ ହୋଇଛନ୍ତି। ପଦଯାତ୍ରା ସମୟରେ ପଂଚାୟତ ସ୍ତରରୁ ସାଧାରଣ ଜନତା ଆସି କିପରି ଏହି ଯାତ୍ରାରେ ଯୋଡ଼ିହେବେ ତାର ଯୋଜନା ପ୍ରସ୍ତୁତ ହୋଇଛି। ପଦଯାତ୍ରା ସମୟରେ ବ୍ୟାପକ ପରିମାଣରେ ପ୍ରଚାରପତ୍ର ଜନସଚେତନା ପାଇଁ ବଂଟନ କରାଯିବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ପଦଯାତ୍ରା ସମୟରେ ସେ ଅଂଚଳର ସବୁବର୍ଗର ଲୋକଙ୍କ ସହିତ ଆଲୋଚନା କରିବେ। ଏହି ଅବସରରେ ଭାରତ ଯୋଡ଼ୋ-ଓଡ଼ିଶା ସଂପର୍କରେ ଏକ ରୋର୍ଡମ୍ୟାପ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସାମ୍ବାଦିକ ସମ୍ମିଳନୀର ଉଦ୍ଦେଶ୍ୟ ବାବଦରେ ସମ୍ୟକ୍ ତଥ୍ୟ ରଖିବା ସହିତ ଧନ୍ୟବାଦ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଂଟିଆ, ଶରତ ରାଉତ, ଭାରତ ଯୋଡ଼ୋ-ଓଡ଼ିଶା ସଂଯୋଜକ ରବିନ୍ଦ୍ର ସେଠୀ, ସହ-ସଂଯୋଜକ ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡି.ଏ.ଭି. କଳିଙ୍ଗ ନଗରଠାରେ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ



ଭୁବନେଶ୍ୱର (ପିଏନ୍)-ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାହିତ୍ୟ ଅନୁରାଗ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଡି.ଏ.ଭି. କଲେଜ ପରିଚାଳନା ସମିତି, ନୂଆଦିଲ୍ଲୀ ଅଧୀନରେ ସମଗ୍ର ଦେଶରେ ଆସୁଥିବା ବିଦ୍ୟାଳୟଗୁଡ଼ିକରେ ସାହିତ୍ୟ ସମ୍ମିଳନୀ ଆୟୋଜନର ଏକ ଅଭିନବ ପ୍ରୟାସକ୍ରମରେ ଡି.ଏ.ଭି. କଳିଙ୍ଗ ନଗର ଆନୁକୁଲ୍ୟରେ ଏକ ସପ୍ତାହ ବ୍ୟାପୀ ଚାଲିଥିବା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଗାଳ୍ପିକା ପ୍ରାଚୀତାରା ମିଶ୍ର ଯୋଗ ଦେଇ ବିଭିନ୍ନ କଳାକୌଶଳକୁ ପ୍ରୟୋଗ କରି ଚମତ୍କାର ଭାବରେ ଗଳ୍ପ ପଠନ ସହ ତାକୁ ମନେରଖିବାର ଶୈଳୀକୁ ଉପସ୍ଥାପନା କରିବା ସହ ପିଲାମାନେ ଗଳ୍ପ ପଠନ ସମୟରେ ଗଳ୍ପରେ ସମ୍ପୂର୍ଣ୍ଣ ଭାବେ ମଜ୍ଜିଗଲେ ହିଁ ତାହା ଉପଭୋଗ୍ୟ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାମୂହିକ ସଙ୍ଗୀତ ସହ ଅଭିନୟ ମାଧ୍ୟମରେ ସାହିତ୍ୟକୁ ବୁଝିବାର ଶୈଳୀ ପରିବେଷଣ କରାଯାଇଥିଲା। ଏତଦ୍‌ଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ସୁନ୍ଦର ସୁନ୍ଦର ଗଳ୍ପ ଉପସ୍ଥାପନା କରାଯାଇଥିଲା। ପିଲାମାନଙ୍କ ମନରେ ଭାଷାପ୍ରୀତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ମଧ ବିଭିନ୍ନ ଭାଷାରେ ଗଳ୍ପକଥନକୁ ଆଲୋକପାତ କରାଯାଇଥିଲା। ପ୍ରକାଶଥାଉକି ଏହି ସମ୍ମିଳନୀକୁ ବିଶିଷ୍ଟ ଲେଖକ ତଥା ମାର୍ଗଦର୍ଶକ ଡ. ଗୋପରଞ୍ଜନ ମିଶ୍ର ଉଦ୍‌ଘାଟନ କରି ପିଲାମାନଙ୍କର ଅତିପ୍ରିୟ ଗଳ୍ପ ଓ ସାହିତ୍ୟ ହୋଇଥିବାରୁ ପିଲାମାନେ ଏଥିରେ ମନୋନିବେଶ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସପ୍ତାହବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତୃତା, ପ୍ରବନ୍ଧ, ସ୍ୱରଚିତ କବିତା କ୍ଷୁଦ୍ରଗଳ୍ପ ଇତ୍ୟାଦି ପ୍ରତିଯୋଗିତା ସହ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଇଁ ଏକ ପୁସ୍ତକ ମେଳାର ଆୟୋଜନ ମଧ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ପ୍ରତ୍ୟକ୍ଷ ଭାବରେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଧାନ କରିବା ସହ ଭାଷା ଓ ସାହିତ୍ୟ ବଞ୍ଚି ରହିଲେ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ପାଠାଗାର ବିଭାଗ, ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମକର୍ତାଙ୍କ ସାହାଯ୍ୟ ସହଯୋଗରେ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବୃକ୍ଷରୋପଣ କଲେ ସଦର ବିଜେପି କର୍ମୀ

ବାଲେଶ୍ୱର (ପିଏନ୍)-ବିଶ୍ୱର ଲୋକପ୍ରିୟ ଜନନେତା ଆଧୁନିକ ଭାରତର ନିର୍ମାତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୨ତମ ଜନ୍ମ ଦିବସ ଶୁଭ ଅବସରରେ ବାଲେଶ୍ୱର ସଦର ବିଜେପି ପକ୍ଷରୁ ମୋଦିଜୀଙ୍କ ଜନ୍ମଦିବସ ପାଳନ କରାଯାଇଅଛି। ଏହି ଅବସରରେ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଇଁଚା ପଞ୍ଚାୟତରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର ମୋଦିଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏବଂ ତାଙ୍କ ଦୃଢ ନେତୃତ୍ୱ ବଳରେ ସେ ଆଜି ବିଶ୍ୱସ୍ତରରେ ସବୁଠୁ ଲୋକପ୍ରିୟ ନେତାର ଆଖ୍ୟା ପାଇଛନ୍ତି। ସେ ଉତ୍ତମ ନୈତିକ ଓ ସାମାଜିକ ମୂଲ୍ୟବୋଧ ଜରିଆରେ ଆମ ସମାଜ ଓ ରାଷ୍ଟ୍ରର ସାମଗ୍ରିକ ବିକାଶରେ ବିଶ୍ୱାସ କରନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଜନସାଧାରଣଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ନିକଟରେ ନୀତି ଓ ଯୋଜନାରେ ଲାଭ ପହଞ୍ଚାଇବା ନିମନ୍ତେ ସବୁ ନାଗରିକଙ୍କୁ ସମ୍ପୃକ୍ତ କରିଛନ୍ତି। ବିଶ୍ୱ ସ୍ତରରେ ଆମେରିକା, ୟୁରୋପ ଏବଂ ଉପସାଗରୀୟ ଦେଶଗୁଡିକ ସହିତ କୂଟନୈତିକ ସମ୍ପର୍କକୁ ସେ ଏକ ନୂଆ ସ୍ତରକୁ ନେଇଯାଇଛନ୍ତି। କୃଷକ, ଦଳିତ, ମହିଳା, ବଞ୍ଚିତ, ଅବହେଳିତ ଏବଂ ଯୁବପୀଢିଙ୍କ ଜୀବନରେ ସୁଧାର ଆଣିବା ଲାଗି ସେ ଆଜୀବନ ନିଜକୁ ସମର୍ପି ଦେଇଛନ୍ତି। ମୋଦିଜୀଙ୍କ ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ମନ୍ତ୍ରକୁ ପାଥେୟ କରି ଆମ୍ଭେ ସମସ୍ତେ ଜନସାଧାରଣଙ୍କ କଲ୍ୟାଣ ଏବଂ ଉନ୍ନତି ଦିଗରେ ସମର୍ପି ଦେବା ପାଇଁ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଜିଲ୍ଲା ପରିଷଦ ସଭ୍ୟ ଗୟାଧର ବେହେରା, ସରପଞ୍ଚ ରବିନାରାୟଣ ପ୍ରଧାନ, ନାଏବ ସରପଞ୍ଚ ସୁଭଦ୍ରା ଖଟୁଆ, ସମିତିସଭ୍ୟା ଗୀତା ସରେନ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ରାଜେନ୍ଦ୍ର ଚାଟାର୍ଜୀ, ଅମ୍ବିକା ବେହେରା, ଅଶୋକ ଖଟୁଆ, ଶ୍ରୀନିବାସ ମହାଳିକ, ଭୀମକାନ୍ତ ତରେଇ, ଅଶୋକ ଓଝା, ମାମୁନୀ ମାଝୀ, ଗାୟତ୍ରୀ ମାଝୀ, ରାଜେଶ ମାଝୀ, ଜୟନ୍ତ ସେଠୀ, ରାକେଶ ଖୁଣ୍ଟିଆ, ରାଜକିଶୋର ଖଟୁଆ, ବଦ୍ରିନାଥ ବେହେରା, ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ସ୍ୱଚ୍ଛସାଗର, ସୁରକ୍ଷିତ ସାଗର' ଯୋଜନାରେ ସାମିଲ ହେଲା ଚାନ୍ଦିପୁର

ବାଲେଶ୍ୱର (ପିଏନ୍)- ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଜନକଲ୍ୟାଣକାରୀ ସ୍ଥାୟୀ ଯୋଜନା ହାତକୁ ନେଇଛନ୍ତି। ସେଥିମଧ୍ୟରୁ ସ୍ୱଚ୍ଛସାଗର, ସୁରକ୍ଷିତ ସାଗର ଏକ ଦୂରଦୃଷ୍ଟି ସଂପନ୍ନ ଯୋଜନା। ଏହି ଯୋଜନାରେ ଭାରତର ୭୫ଟି ସମୁଦ୍ରତଟକୁ ସାମିଲ କରାଯାଇ ଏହାର ବିକାଶ ପାଇଁ ଯୋଜନା କରାଯାଇଛି। ଏହି ୭୫ଟି ସମୁଦ୍ରତଟ ମଧ୍ୟରୁ ଚାନ୍ଦିପୁର ସମୁଦ୍ର ତଟର ନାଁ ନ ଥିବା କେନ୍ଦ୍ରମନ୍ତ୍ରୀ ଡ଼ା: ଜିତେନ୍ଦ୍ର ସିଂ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଜଣାଇଛନ୍ତି। ଉକ୍ତ ଯୋଜନାର ଶୁଭାରମ୍ଭ ଗତ ସେପ୍ଟେମ୍ବର ୧୭ ତାରିଖ ସକାଳ ୬ ଟାରେ ଚାନ୍ଦିପୁର ବେଳାଭୂମିଠାରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଜନସାଧାରଣଙ୍କୁ ସଂାସଦ ନବେଦନ କରିଛନ୍ତି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଜିଲ୍ଲାପାଳଙ୍କ ସମେତ ସଂଶ୍ଳିଷ୍ଟ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ୭୫ଟି ସମୁଦ୍ର ତଟ ମଧ୍ୟରେ ଚାନ୍ଦିପୁରର ନାମ ନ ଥବା ଜାଣି ଶ୍ରୀ ଷଡ଼ଙ୍ଗୀ ପୃଥିବୀ ବିଜ୍ଞାନ ମନ୍ତ୍ରୀ ଡ଼. ଜିତେନ୍ଦ୍ର ସିଂଙ୍କୁ ପତ୍ର ମାଧ୍ୟମରେ ଚାନ୍ଦିପୁର ବେଳାଭୂମିକୁ ଉକ୍ତ ଯୋଜନାରେ ସାମିଲ କରାଇବା ପାଇଁ ଦାବି ଜଣାଇଥିଲେ। ଏହି ଯୋଜନା ଫଳରେ ପର୍ଯ୍ୟଟନ କ୍ଷେତ୍ରରେ ସ୍ଥାନୀୟ ଅଂଚଳର ଅନେକ ବିକାଶ ହେବା ସହିତ ଅନେକ ରୋଜଗାର ପନ୍ଥା ସୃଷ୍ଟି କରିବ ବୋଲି ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୧

# ବ୍ରହ୍ମ ଅନୁଭବର ସୋପାନ



ସବୁ ବିଷୟରେ ସୋପାନ ଅଛି। ସୋପାନ ଅର୍ଥ ପାହାଚ। କୌଣସି ବ୍ୟକ୍ତି ତାଙ୍କର ଘରକୁ ଆସିଲେ ଘର ବାହାରିଲେ ଯାନରେ ଉଠିଲେ ବା ଓହ୍ଲାଇଲେ, ସୋପାନ ଧରିବାକୁ ହିଁ ପଡୁଛି। ଏମିତି ତନ୍ତ୍ରକୁ ଅନୁଧ୍ୟାନ ଭଲ ଭାବରେ କଲେ ଏଥିରେ ଅଛି ୨୨ଟି ପାହାଚ, ଚିତ୍‌ରୁ ବିଷ୍ଣୁମାୟା ଚିତ୍, ଚୈତନ୍ୟ ସମ୍ବନ୍ଧ ଶବ୍ଦ, ବିଷ୍ଣୁମାୟା ଡଃ ବ୍ରହ୍ମାଙ୍କୁ ଆଗୋଚର ଛାର ମନୁଷ୍ୟ ଏହାକୁ ଭେଦ କରି ନପାରନ୍ତି। ମହାସାଧକ ଶିବ ଏହି ପାହାଚ ସୋପାନରେ ଶେଷ ପର୍ଯ୍ୟନ୍ତ ଉଠିବାକୁ ସମର୍ଥ ପାଇଁ ସଦା ସାଧନାରତ। ତେବେ ମନୁଷ୍ୟ କ'ଣ କେବଳ ବିଳାସ ବ୍ୟସନ ଚାକିରୀ ରୋଜଗାର ପିଲା ଜନ୍ମ ପିଲାର ଲାଳନ ପାଳନ ଗୃହ ନିର୍ମାଣ ଗାଡ଼ି ଚଢ଼ାରେ ସମୟ ଦେଇ ଚାଲିବ କି? ସର୍ବତ୍ର ମୋହ ଗ୍ରାସ ରହିଛି। ଅଳିକ ଜୀବନରେ ସବୁ ସୁଖ ଭୋଗ ଯେ ଅଳିକ କେହି ଭାବିବା ଉପରେ ନାହାଁନ୍ତି।

ଦେବୀ ମାଆ ପାର୍ବତୀ ନିତ୍ୟ ରୋଷେଇଶାଳରେ ଦିବ୍ୟାନ୍ନ ପାକ କଲାବେଳେ ଦିବ୍ୟ ବିଷ୍ଣୁ ସହସ୍ର ନାମ ମୁଖରେ ଉଚ୍ଚାରଣ କରି ପାକ କାର୍ଯ୍ୟ କରୁଥିଲେ। ଗୋବିନ୍ଦ ଉଚ୍ଚାରଣ କରି ଗୋପୀମାନେ ନିତ୍ୟ ଧନ୍ଦା ଲିପ୍ତ ରହୁଥିଲେ। ବୃନ୍ଦାବନରେ ଏବେ ବି ପ୍ରଶ୍ନ ଉତ୍ତରରେ ଡକା-ହକାରେ ରାଧେ କୃଷ୍ଣ ବା କୃଷ୍ଣ ରାଧେ ଲାଗୁଛି। ଇସଲାମ ଧର୍ମର ଦୁଇ ବ୍ୟକ୍ତି ଭେଟ ହୋଇଗଲେ ସାଲାମ ଆଲେକୁମ୍ ଓ ଆଲେକମ୍ ସାଲାମ ବାକ୍ୟ ଆରମ୍ଭରେ ସମ୍ଭାଷଣ କରୁଛନ୍ତି। ନାରଦ ସର୍ବତ୍ର ନାରାୟଣ ଉଚ୍ଚାରଣରେ ଓ ପକ୍ଷୀରାଜ ଗରୁଡ଼ ଭଗବାନଙ୍କୁ ବହନକରି ଗଲାବେଳେ ତାଙ୍କ ପକ୍ଷରୁ ସ୍ୱତଃ ବାହାରେ ନାରାୟଣମ୍ ତୁଭ୍ୟଂ ନମଃ। ହନୁମାନ ଜୟଶ୍ରୀରାମ କରି ଯାତ୍ରା ଆରମ୍ଭ ବା ଶେଷ କରନ୍ତି। ଶିଖମାନେ ସତ୍‌ଶ୍ରୀ ଅକାଳ ସମ୍ଭାଷଣରେ ଲଗାଉଛନ୍ତି। ନାଦ ବ୍ରହ୍ମ 'ଓଁ' ଅନେକ ମନ୍ତ୍ରରେ ଆଦ୍ୟ ପ୍ରୟୋଗ ପୁରୋହିତମାନେ କରୁଛନ୍ତି। ଶ୍ରୀଗଣେଶ ଉଚ୍ଚାରଣରେ କାର୍ଯ୍ୟାରମ୍ଭ କରାଯାଉଛି। ଶୈବମାନେ ଶିବ ପଞ୍ଚାକ୍ଷର ନମଃ ଶିବାୟ, ଗାୟତ୍ରୀ ଉପାସକମାନେ ଚବିଶ ଅକ୍ଷର ଗାୟନ କରି ଚାଲୁଛି। ନାରାୟଣ ତନୁତ୍ୟାଗେ ଲାଗୁଛି ମରଣ ସମୟ ବ୍ୟକ୍ତି ଆସିବା ବୋଧ ହେଲେ ନାରାୟଣ ଉଚ୍ଚାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ଆରମ୍ଭ କରିବାବେଳେ ନାରାୟଣ ଉଚ୍ଚାରଣ ପାଇଁ ବାକ୍ୟ ରହିଛି। ପ୍ରତି ବୈଷ୍ଣବ ସମ୍ପ୍ରଦାୟରେ ଗୁରୁଦତ୍ତମନ୍ତ୍ର ଗ୍ରହଣ ପରମ୍ପରା ଅଛି। ସେ ମନ୍ତ୍ର ହିଁ ତାରକ ମନ୍ତ୍ର ତାରକ ଅର୍ଥ ଯେ ତାରଣ କରେ। ସାଧକମାନଙ୍କର ମତ୍ତ ସାଧନ କ୍ରିୟାରେ ମତ୍ତ ପଛପଟୁ ଗୁରୁଙ୍କର ବୋଲି ରହୁଛି, ସର୍ବଂ ମିଥ୍ୟା ଜପଂ କରୁଃ। ତାରକ ମନ୍ତ୍ର ପ୍ରୟୋଗ ବେଳେ ଆସେ ବିଭିନ୍ନ ବିକାର ଭ୍ରାନ୍ତି, ଭ୍ରାନ୍ତି ଜପ ତପ ଭ୍ରଷ୍ଟ କରାଇପାରେ ଏ ପାଇଁ ଗୁରୁଙ୍କର ବୋଲି ଏକ ବଜ୍ରବାଣ ପରି ପୁଣି ରାସ୍ତାରେ ଜପ ତପକୁ ଆଗେଇ ନିଏ। ଭଗବାନଙ୍କର ସର୍ବନାମ। ଯେଉଁ ନାମରେ ଗୁରୁନାମ ଜଡ଼ିତ ତାହିଁ ବ୍ୟକ୍ତି ପାଇଁ ନିର୍ଦ୍ଦିଷ୍ଟ ତାରକମନ୍ତ୍ର ହେଲେ ବହୁ ଲୋକରେ ବାପାକୁ ପୁଅ ପାଉନାହିଁ ସେ ନିଶ୍ଚେ ଡାକିବ ବାପା ମୁଁ ଡାକୁଛି। ଏହି ଲୋକଗହଳି ଯେଉଁଠାରେ ଲାଗିବା ଦେଖାଯାଏ ତାହା ହାଟ ଯାତ୍ରାସ୍ଥଳୀ ଏଠାରେ ବାପ-ପୁଅ ବା ମାଆ-ପୁଅ ଅଲଗା ଅକସ୍ମାତ୍ ହୋଇ ଯାଇ ପରସ୍ପରକୁ ଡାକିବା ଯେମିତି ଦେଖାଯାଏ ସେମିତି ଭଗବାନ ଭକ୍ତ ଏମିତି ଡକାଡକି ସ୍ତର ଅଛି। ଏ ସଂସାର ବଡ଼ ହାଟ ଏଠାରେ ହଟଗୋଳ ଅନେକ। ଏକ ଈଶ୍ୱରଙ୍କ ଅନେକ ନାମ ଅନେକ ଲୀଳା, ଅନେକ ରୂପ, ତାଙ୍କର ଏହି ଲୀଳା ସହଚର ବି ଅନେକ। ଯେତେବେଳେ ଅରୂପ ରୂପ ନେବା ବୋଧ ହୁଏ ତେବେ ବେଳେ ସେ ଅନେକ ବିହ୍ୱ ମଧ୍ୟରେ ଅବଶ୍ୟ ରହିବାକୁ ପଡ଼ିଥାଏ ତେବେ ଅରୂପ ସବୁ ଭାଷା ବୁଝନ୍ତି ସବୁଡ଼ାକ ଶୁଣନ୍ତି ସବୁ ଭାବ ଗ୍ରହଣ କରନ୍ତି। ତାଙ୍କୁ ଡାକିବା ପାଇଁ ଏଇ ମନୁଷ୍ୟ ଏକ ହରିହାଟ ସୃଷ୍ଟି କରିଥାନ୍ତି। ହାଟ ଲାଗିବା ଓ ହାଟ ଭାଙ୍ଗିବା ସମୟ ବଣିକ ଖାଉଟିଙ୍କ ପାଇଁ ଅଛି କିନ୍ତୁ ପ୍ରକୃତି ହରିହାଟ ଏମିତି ସମୟରେ ଆସେ ନାହିଁ। ତେବେ ମାନବୀୟ ସୁବିଧା ପାଇଁ ପର୍ବ ଦିନ, ଛୁଟିଦିନ ବା ସ୍ୱକୀୟ କିଛି ସ୍ମରଣୀୟ ଦିବସ ବଛାଯାଇ ଏକ ହରିହାଟ ବସାଯାଇପାରେ। ହରିହାଟରେ ଅଖଣ୍ଡ କୋଳାହଳମୟ ନାମ ଭଜନ କୀର୍ତ୍ତନ ଚାଲେ, ରାମକୃଷ୍ଣ, ଗଣେଶ, କାର୍ତ୍ତିକେୟ ଶିବ ଦୁର୍ଗା ପରି ନାମ ଏହି କୋଳାହଳରେ ଶୁଣାଯାଏ। ଯାହା ଏକାଗ୍ରଚିତ୍ତରେ ଶୁଣୁଥିବା ବା ଗାଉଥିବା ବ୍ୟକ୍ତିଙ୍କର କର୍ଣ୍ଣ ଓ ପାଟି ଦେବତା ନାମରେ ଅମୃତମୟ ହୋଇଯାଏ। ହାତ ତଳ ଦେଇ ଆହୁରି ନାମ ସେବାରେ ପବିତ୍ରୀକରଣ ହୋଇଯାଏ। ଯେଉଁ ସମୟ ଏହି ଦେବଧ୍ୱନୀରେ ଲାଗୁଛି ଏହି ସମୟ ମାନବୀୟ ସମୟ କେବେ ନୁହଁ ଏହା ଦୈବୀ ସମୟ, ଦୈବୀ ସମୟରେ ମାନବୀୟ ସମୟ ମାତ୍ର କେତେ ଭଗ୍ନ ଅଂଶ ମାତ୍ର। ସେ ସ୍ଥାନରେ ଶୁଦ୍ଧି ତ ହୁଏ, ହେଲେ ଶବ୍ଦର ନାଦ ସେ ସ୍ଥାନରୁ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ସେହି ସମୟରୁ ତରଙ୍ଗାୟିତ ହୋଇ ଚାରିପଟ ନୁହଁ ବୃତ୍ତ ସଦୃଶ ମେଖଳା ବନି ଆଗେଇ ଚାଲେ। ସ୍ଥାନଟି ମେରୁ ତତ୍‌କାଳ ବୋଧ ହୁଏ। ସାଇ ଭଜନରେ ସବୁ ଧର୍ମର ସବୁ ସମ୍ପ୍ରଦାୟର ଉପାସକଙ୍କର ନାମ ଧରାଯାଏ। ଏହା ପ୍ରକୃତରେ ସର୍ବଧର୍ମବାଦର ଉପାସନା, ଏଥିରେ କାହାକୁ ବୋଲିବାକୁ ଶୁଣିବାକୁ ବିଧି ନିଷେଧ ନାହିଁ। ଆମ ରାଜ୍ୟ ଜଗନ୍ନାଥଙ୍କ ବିଳାସ ଭୂମି। ଏଠାରେ ଦିଅଁଙ୍କ ରଥଯାତ୍ରାରେ ଏପରି କାହାକୁ ଦର୍ଶନ ବାରଣ ନାହିଁ। ଏକାଗ୍ରତା ପାଇଁ ଅନେକ ଉପାୟ ଅଛି ଯଥା ଏକ ପତ୍ନୀବ୍ରତ, ଏକ ସ୍ୱାମୀବ୍ରତ, ଏକ ଗୁରୁବ୍ରତ, ଏକ ବିଦ୍ୟାବ୍ରତ, ଏକ ମନ୍ତ୍ରବ୍ରତ ସେମିତି ଏକ ଧର୍ମବ୍ରତ ଏକ ଦିଅଁବ୍ରତ। ହେଲେ ଏ ସଂସାରେ କେବଳ ଚାଷ କରିବା, କେବଳ ଚାକିରୀ କରିବା, କେବଳ ପ୍ରଶାସକ ହେବା, କେବଳ ଆଦେଶ ଦେବା, ଏମିତି ଚଳେନାହିଁ। ଏଣୁ ଏକ ନିୟମରେ କିଛି ବଦଳାଇ ପୁଣି ତାକୁ ସୀମାରେ ରଖି ଯେ କେହି ସଂସାରରେ ଜୀବନ ନିର୍ବାହ କରିପାରନ୍ତି। ଚିଡ଼ା ପାଇଁ ଆତଙ୍କ। ସମସ୍ତଙ୍କର ଅଛି। ଚିତ୍ତରେ ଅନେକ ଭ୍ରାନ୍ତି ଆସେ, ଏକ ଦ୍ରବ୍ୟ ଏକ ଆହରଣ ପରେ ଅନ୍ୟ ଦ୍ରବ୍ୟ ଆହରଣ ପାଇଁ ବ୍ୟଗ୍ର ଭାବ ଆସୁଛି। ଏପରି ମୋହ ବଢ଼ି ବଢ଼ି ଚାଲୁଛି। ଏହି ସବୁରେ ଜଡ଼ିତ ରହିଲେ ଜନ୍ମର ମୂଳ ଉଦ୍ଦେଶ୍ୟ ଲୋକେ ଭୁଲି ଯାଆନ୍ତି। ଦିବ୍ୟଜ୍ଞାନ ଭାବନା ଉଭେଇ ଯିବା ଦ୍ୱାରା ଗୋବିନ୍ଦ ଭାବ ବିଲୁପ୍ତ ହୋଇଯାଏ। ହେଲେ ସେ ସମସ୍ତ ସମ୍ପତ୍ତିର ମାଲିକ ଏମିତି ସେ ସମସ୍ତଙ୍କର ପିତାମାତା ଦୁଃଖରେ ସେ ନିଶ୍ଚେ ଭାଗୁଆଳୀ। ହୃଦୟରେ ଚିନ୍ତା କେବଳ ଭଗବାନଙ୍କ ସବୁବେଳେ ରହିବା ଅସମ୍ଭବ ବୋଧ ହୁଏ। ମାତ୍ର ସାଧନାରେ ଅନେକ ସିଦ୍ଧି ହୋଇପାରେ। ଦେଖନ୍ତୁ ଡ୍ରାଇଭର ଆଗକୁ ଚାହିଁଛନ୍ତି ପଛ ଗାଡ଼ିକୁ ପାର୍ଶ୍ୱ ଦେବାକୁ ଡାହାଣ ବାମପଟ ଆଇନାକୁ ଦେଖୁଛନ୍ତି ପଛଗାଡ଼ିର ସଙ୍କେତ ହର୍ଣ୍ଣ କାନରେ ଶୁଣୁଛନ୍ତି ଏଣେ ରାସ୍ତାର ବାଙ୍କ ଟାଙ୍କ ପାଇଁ ହେଣ୍ଡେଲ ଚକ୍ରକୁ ଘୁରାଉ ରାସ୍ତାରେ ଯାନଗତିକୁ ରାସ୍ତାର ନିୟମରେ ଚଳାଉଛନ୍ତି। ଗୋଡ଼ରେ ବ୍ରେକ କ୍ଲଚ କାମ ବି ସମୟ ଅନୁସାରେ କରୁଛନ୍ତି। ଏହା ସବୁ ନିଶ୍ଚେ ସାଧନାଫଳ। ଏପରି ବିଦ୍ୟାର୍ଜନରେ ବିଭିନ୍ନ ବିଷୟରେ ଏକ ସାଙ୍ଗରେ ଜ୍ଞାନାର୍ଜନ କରିବା ପାଇଁ ମାଟ୍ରିକ ପର୍ଯ୍ୟନ୍ତ ଏମିତି ସାଧନା, ଗଭୀର ଚିନ୍ତା ଲଗାଇ କାର୍ଯ୍ୟ ହାସଲ ମନ ଦେଲେ ଯାଇ ସବୁ ହୋଇପାରେ। ଭଗବାନ ଏପରି ଯେ ମିଳିଗଲେ ଆଉ କିଛି ଦରକାର ପଡ଼ିବ ନାହିଁ ଏପରି ସାଧନା ପାଇଁ ସଂସାରୀ ଓ ସନ୍ୟାସୀ ଉଭୟଙ୍କ ପାଇଁ ପଥ ଅଛି। ଜଟିଳ ପଥରେ ସଂସାରୀ ଯାଇପାରିବେ ନାହିଁ। ଭଗବାନ ଚୈତନ୍ୟଙ୍କ ମାର୍ଗ କଳିରେ ନାମ ସଂକୀର୍ତ୍ତନ। ପରେ ରାଧାରମଣ ଦେବ, ରାମ ଦାସ ମହାରାଜ ଓ ପରେ ପରେ ନାମାଚାର୍ଯ୍ୟ ବାୟା ଏହି ନାମ ଜପ କୀର୍ତ୍ତନ ଧାରାରେ ଚମତ୍କାରମାନ ଦେଖାଇ ଅଛନ୍ତି। ସିଦ୍ଧି ଅନେକ ଭଗବାନଙ୍କ ନାମ ଭଜନ ଅର୍ଚ୍ଚନ କୀର୍ତ୍ତନ ଜଣାଣ ଏ ମଧ୍ୟରେ ଅନ୍ୟ ଏକ ଏକ। ଯଦି କେହି ଶାନ୍ତି ଚାହୁଁଛନ୍ତି। ଚିନ୍ତାରେ ଚିନ୍ତାମଣୀଙ୍କ ନାମ ସାମିଲ କରନ୍ତୁ, ଅନେକ ସିଦ୍ଧି ମନକୁ ମନ ଦେଖାଯିବ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ସମ୍ବିଧାନ ବନାମ୍ ଗଣତନ୍ତ୍ର !

ମାୟାଧର ନାୟକ

ଆମ ସମ୍ବିଧାନରେ ଲେଖାଅଛି – ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ରାଜନେତାମାନେ କେହି ସମ୍ବିଧାନକୁ ମାନୁନାହାଁନ୍ତି – ସେମାନେ ଜାତି ନାଁରେ ଧର୍ମ ନାଁରେ ବର୍ଣ୍ଣ, ଆଂଚଳିକତା ନାଁରେ ରାଜନୀତି କରୁଛନ୍ତି । ଆମ ସମ୍ବିଧାନ ଯେତେ ଚାଲିଛି ମୋଟା ହୋଇ – ଗଣତନ୍ତ୍ର ସେତେ ଗଡୁଛି ଛୋଟା ହୋଇ ।

ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁମାନେ ଏକ ସୁନ୍ଦର ସମୃଦ୍ଧ ଭାରତବର୍ଷର ସ୍ୱର୍ଣ୍ଣାଭ ସ୍ୱପ୍ନ ଦେଖିଥିଲେ, ଏକ ଅନନ୍ୟ ଭବିଷ୍ୟତର ରଙ୍ଗୀନ ଆଲେଖ୍ୟ ଆଙ୍କିଥିଲେ, କଳ୍ପନା କରିଥିଲେ, ଏକ ମୁକ୍ତ ମହାନ ରାଷ୍ଟ୍ରଭୂମିର – ସେମାନଙ୍କର ସେ ଆଶା ମିଳେଇ ଯାଇଛି ପାଣି ଫୋଟକା ପରି । ଭାଙ୍ଗିଯାଇଛି ଭରସାର ବତୀଘର ସବୁ । ଆଜି ଦୁର୍ନୀତିର ଦଂଶନରେ ଭାରତବର୍ଷ ଜର୍ଜରିତ – ଜାଲିଆତିର ଜାଲରେ ଜନଗଣ ଛଟପଟ – ସମ୍ପୂର୍ଣ୍ଣ ଅଣଃନିଶ୍ୱାସୀ ।

କିନ୍ତୁ... ଭାରତବର୍ଷ ନୁହେଁ, ଗୋଟାଏ ବିକଳ ଭଗ୍ନସ୍ତୂପ - ଏ ଦେଶ ! ପାଣି ପବନରେ ବିଷ । ପରିବେଶରେ ପାଉଁଶ । ସବୁଠି ଅଙ୍ଗାର । ସବୁଠି ଅନ୍ଧାର । ଅତୀତକୁ ନେଇ ଅନ୍ତଃହୀନ ଆସ୍ଫାଳନ, ଅଥଚ ଏ ଦେଶର ବର୍ତ୍ତମାନଟା କି ବିକୃତ, କି ବିଭତ୍ସ କି ବିକଳାଙ୍ଗ ! ବିଶାଳ ବିରୋଧାଭାସଟାଏ ଏ ଦେଶ... ଯାହାକୁ ଆମେ ଭାରତବର୍ଷ କହିଲେ ଉପହାସ କରିବ ଇତିହାସ – ଲଜ୍ଜା ଆଉ ସଂକୋଚରେ ମୁହଁ ଘୋଡେଇବେ ଆମ ପୂର୍ବପୁରୁଷ ।

ଆଜିର ନାୟକହୀନ ରାଜନୀତି ଉତ୍କଟ ଉପଦଂଶ ପରି ଆକ୍ରାନ୍ତ କରିସାରିଛି ଆମର ଏ ଦୁର୍ଭାଗା ଦେଶକୁ । ନେତୃତ୍ୱର ସଂକଟ ସହିତ ମୂଲ୍ୟବୋଧର ମୃତ୍ୟୁ ଆଜି ଭାରତୀୟ ରାଜନୀତିକୁ ପରିଣତ କରିଛି କେବଳ– କଂସେଇମାନଙ୍କ କାରଖାନାରେ । ସେଥିପାଇଁ ବର୍ତ୍ତମାନର ରାଜନୀତି କ୍ଷେତ୍ରରେ ଶୋଷକବର୍ଗ ହିଁ ସାଜିଛନ୍ତି ଶାସକଶ୍ରେଣୀ ! ଦୁର୍ବୃତ୍ତମାନେ ହିଁ ପାଲଟିଛନ୍ତି ଦ୍ୱାରପାଳ ! ମାଫିଆ ହୋଇଛି ମୁଖିଆ । ଗୁଣ୍ଡା ବନିଛି ପଣ୍ଡା – ମେଣ୍ଢା ପାଲିଟିଛି ଭେଣ୍ଡା – ଜିରୋ ହୋଇଛି ହିରୋ ।

ଘାତକମାନଙ୍କ ଆଖିରେ ଲୋତକ ଦେଖି ଭୂଆଁ ବୁଲୁଚି ଭାରତୀୟ ଜନତା ସ୍ୱର୍ଣ୍ଣ କଙ୍କଣଧାରୀ ବୃଦ୍ଧ ବ୍ୟାଘ୍ରର ବିଜ୍ଞପ୍ତି ବୈରାଗ୍ୟରେ ପ୍ରତାରିତ ହେଉଛି ଆଜିର ପ୍ରଲୁବ୍ଧ ଯୁବପିଢ଼ି । ଚଂଚକ ରାଜନୈତିକ ଚରିତ୍ର ଚଲୁ କରିବାକୁ ବସିଛି ତମାମ ଦେଶକୁ । ରାଜନୈତିକ ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ଅର୍ଥନୈତିକ ଶୋଷଣର ଗଢିଉଠିଛି ଗୋଟାଏ ଗୋପନ ସମ୍ପର୍କ । ଭିନ୍ନ ଭିନ୍ନ ନାମ ଓ ଦଳର ଗୋଟାଏ ଦୋକାନଦାରୀ ପାଲଟି ଯାଇଛି ସାମ୍ପ୍ରତିକ ଭ୍ରଷ୍ଟ ରାଜନୀତି । ଏକ ନାଉର ମାଞ୍ଜି ସବୁ ନିଜ ନିଜ ପାଇଁ ଦଖଲ କରି ନେଇଛନ୍ତି



*ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା'ର ପରିଣତି କ'ଣ ଏଇ ? ଦୁଇଶ' ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୭ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ' ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୭ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୁହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା । ହାଣ ମୁହଁକୁ ମୁହାଁଇ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ'ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର...ଆମର ଏ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକାଇଦେବା ତା' ଭିତରେ ?*

ଭିନ୍ନ ଭିନ୍ନ କିଆରି ! ଜନସ୍ୱାର୍ଥ ନୁହେଁ ଆତ୍ମସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥ ହୋଇଉଠିଛି ସେମାନଙ୍କର ଏକମାତ୍ର ଆଭିମୁଖ୍ୟ । ସେଥିପାଇଁ ଆଜି ନେତାମୁଣ୍ଡରେ ଟୋପି, ଜନତାମଥାରେ ଥୋପି । ନେତାର ଚାଲିଛି – ବିଧାନସଭା, ରାଜ୍ୟସଭା, ଲୋକସଭା – ଜନତାର କେବଳ ଶୋକସଭା । ମୁଖପାତ୍ର ସାଜିଥିବା ମହାପାତ୍ରମାନେ ଦିନ ଦ୍ୱିପହରରେ ସବୁକିଛି ଲୁଟି ଚୁରିମାରି ନେଉଥିବା ବେଳେ ଶୂନ୍ୟ ଦୃଷ୍ଟିରେ ଆଁ କରି ଅନେଇଛି ଜଳକା ଜନତା ।

ଆଜି ମନ୍ଦିର-ମସଜିଦ୍‌କୁ ନେଇ ଝଗଡା ! ଧର୍ମ-ବିଧର୍ମକୁ ନେଇ ବିବାଦ । ସୀମା-ସନ୍ତ୍ରାସକୁ ନେଇ ତୁମ୍ବି ତୋଫାନ୍ । ରାଷ୍ଟ୍ର, ଧର୍ମ, ପତାକା, ଜାତୀୟତା ଇତ୍ୟାଦିକୁ ଆଳ କରି ସାରା ପୃଥିବୀରେ ସମ୍ପ୍ରତି ପୁଞ୍ଜିବାଦ ତା'ର ଚକ୍ରାନ୍ତରେ ଚମତ୍କାରିତା ପ୍ରଦର୍ଶନ କରିଚାଲିଛି । ମାଟିଠୁ ମଣିଷକୁ ଅଲଗା କରି ଦିଆଯାଉଛି । ଲକ୍ଷ୍ୟଠୁ ଲୋଚନାକୁ ଦୂରେଇ ରଖାଯାଉଛି, ସ୍ୱପ୍ନକୁ ସଂକଳ୍ପକୁ ହଟାଇ ନିଆଯାଉଛି । ସବୁ ସ୍ତରରେ ଲେଲିହାନ୍ ଲୋଳଜିହ୍ୱା ବିସ୍ତାର କରି ଚାଲିଛି ଅତିଷ୍ଠ ଅସନ୍ତୋଷର ଅଗ୍ନିଶିଖା । ଅଥଚ ଗଦିରେ ଘୁମେଇ ଗାଦିରେ ବସିଥିବା ଆଜିର ଶାସକଶ୍ରେଣୀ, ଖଟରେ ଶୋଇ ମଠରେ ମାମଲାତି କରୁଥିବା ଯାଜକବୃନ୍ଦ, କୁର୍ସିରେ ବସି ଆର୍ସି ଆଗରେ ଚେହେରା ସଜଉଥିବା ପ୍ରଶାସକ ବର୍ଗ ସମକାଳୀନ ସମାଜର ଏ ଉତ୍କଟ ଅସୁସ୍ଥତା ପ୍ରତି ଏକାନ୍ତ ଉଦାସୀନ ।

ଆମେ ଲୁଟେରାମାନଙ୍କ ହାତମୁଠାରେ ଲଟେରୀ ଟିକେଟ୍‌ଟାଏ କରି ବଢେଇ ଦେଇଛୁ ଆମର ଏ ପ୍ରିୟ ଭାରତବର୍ଷକୁ । କଂସେଇମାନଙ୍କୁ କରିଛୁ କର୍ଣ୍ଣଧାର । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ – କ୍ଷୁଧିତ ରାଜନୀତି ବିସ୍ତାର କରି ସାରିଛି ତାର ଭୟଙ୍କର ଫଣା । ଜଘନ୍ୟ ଜନଜହ୍ଲାଦମାନଙ୍କ ପ୍ରଚଣ୍ଡ ଫୁତ୍‌କାର ଭିତରେ ମିଳେଇ ଯାଉଛି ପ୍ରବଂଚିତ ଜନଗଣଙ୍କ ଛିନ୍ନଭିନ୍ନ ଚିତ୍କାର ! ବାପ ଯାଉଛି ଦାଦନକୁ, ମା' ଗୋଟୋଉଛି ଗୋବର, ପିଲାବିକ୍ରି ହେଉଛି ବିଚ୍ ବଜାରରେ ! ଅଥଚ ମୋଟା ସମ୍ବିଧାନର ବୋଝ ମୁଣ୍ଡେଇ ଛୋଟା ଗଣତନ୍ତ୍ର ବାଟସାରା କେବଳ ବାଂଟିଚାଲିଛି ଫମ୍ପା ପ୍ରତିଶ୍ରୁତିର ପାମ୍ପରା ପାମ୍ପଲେଟ୍ ।

ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା'ର ପରିଣତି କ'ଣ ଏଇ ? ଦୁଇଶ' ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୭ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ' ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୭ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୁହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା ।

ହାଣ ମୁହଁକୁ ମୁହାଁଇ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ'ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର... ଆମର ଏ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକାଇଦେବା ତା' ଭିତରେ ?

ବର୍ତ୍ତମାନର ଭସ୍ମୀଭୂତ ଭାରତବର୍ଷ ଓ ସଂତ୍ରସ୍ତ ସମାଜ ବ୍ୟବସ୍ଥା ପାଇଁ ପରିତ୍ରାଣର ପନ୍ଥା ଖୋଜା ଚାଲିଛି ବିଭିନ୍ନ ସ୍ତରରେ । ଭସ୍ମସ୍ତୂପ ମଧ୍ୟରୁ ଭବିଷ୍ୟତକୁ ଉଦ୍ଧାର କରିବା ଏବଂ ଭଗ୍ନସ୍ତୂପ ମଧ୍ୟରୁ ଜନଜୀବନକୁ ରକ୍ଷା କରିବା ନିମନ୍ତେ ଆଜି ଯେଉଁ ଅଙ୍ଗୀକାରବଦ୍ଧ ଆନ୍ଦୋଳନ ଓ ଗଣସଂଗ୍ରାମର ଏକାନ୍ତ ପ୍ରୟୋଜନ, ସେଥିନିମନ୍ତେ ଆମ ସମସ୍ତଙ୍କର ସମ୍ମିଳିତ ସଂକଳ୍ପ ଅପରିହାର୍ଯ୍ୟ ।

ଆଜି ସମୟ ଆସିଛି, ଆମକୁ ବାଛି ନେବାକୁ ପଡିବ ଆମର ଗତି କେଉଁ ଦିଗକୁ - ପଛକୁ ନା ଆଗକୁ । ଏବେ ଆରମ୍ଭ ହେଉ ଆଉ ଏକ ଆଜାଦୀର ଅଭିଯାନ, ଆଉ ଏକ ଅଦମ୍ୟ ସଂଗ୍ରାମର ଅତନ୍ଦ୍ର ଅଭିଯାତ୍ରା ପ୍ରବଚିଂତ ଭାରତବର୍ଷର ଚିର ଉପେକ୍ଷିତ ଭୂମି ଏହି ଦୁଃଖିନୀ ଓଡିଶା ବୁକୁରେ ହିଁ ସୁରୁହେଉ ଏହି ଗୁରୁଦାୟିତ୍ୱ ନିର୍ବାହର ଆଦ୍ୟ ଅଙ୍ଗୀକାର । ଭବିଷ୍ୟତର ମହାମୁକ୍ତି ସଂଗ୍ରାମର ପ୍ରକୃତ କୁରୁକ୍ଷେତ୍ର ହେଉ ଆମର ଏ ଅବହେଳିତ ଭୂମି । ଦାରିଦ୍ର୍ୟ, ଦୁଃସ୍ଥିତି, ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, ଗୁଣ୍ଡାଗର୍ଦ୍ଦୀ– ସବୁକିଛି ବିଡମ୍ବନା ବିରୋଧରେ ଯୁଦ୍ଧ ଘୋଷଣା କରୁ ଓଡିଶାର ତପ୍ତ ତାରୁଣ୍ୟ ! ବାର୍ଦ୍ଧକ୍ୟ ବୈରାଗ୍ୟ ଓ ବ୍ୟାଧିମୁକ୍ତ ଭାରତବର୍ଷ ପାଇଁ ଏଇଠୁ ହିଁ ଆରମ୍ଭ ହେଉ ତରୁଣ ଓଡିଶାର ଉତ୍ସର୍ଗୀକୃତ ଅଗ୍ନିତପସ୍ୟା । ଆମକୁ ଆଜି ଶିରସ୍ତ୍ରାଣ ପିନ୍ଧି ହାତରେ ଧରିବାକୁ ପଡିବ ଗଣସଂଗ୍ରାମର ଅମୋଘ ଅସ୍ତ୍ର । ସତ୍ ମନର ସ୍ୱପ୍ନ ଯଦି ସଂକଳ୍ପରେ ପରିଣତ ହୁଏ, ତେବେ ନିଶ୍ଚିତ ଭାବରେ ସାର୍ଥକ ହେବ ଆମର ଆଗାମୀ ସମାଜର ସର୍ଜନା ଓ ସଂରଚନା ।

*-ଯାଜପୁର ରୋଡ, ଯାଜପୁର*
*ମୋ: ୯୮୬୧୦୩୪୧୬୩*

# ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ଆହ୍ୱାନ

ତ୍ରିନାଥ ଓଝା



ଆଜିକା ସମୟରେ ଆମେ ସମାଜ ସେବା କରୁଛେ, ଘର ସଂସାର ଦେଖୁଛେ, ଆଖପାଖ ଦୁନିଆ ସହିତ ପୃଥିବୀକୁ ଦେଖୁଛେ କିନ୍ତୁ ଆମ ପାଇଁ ଅନେକ ଲୋକଙ୍କ ଅନେକ ପ୍ରଶ୍ନ, ଅନେକ ଆହ୍ୱାନ, ଅନେକ ସନ୍ଦେହ, ଅନେକ ଆବେଗ ହିଁ ବଡ଼ ପ୍ରଶ୍ନ। ତାହାହେଲେ କ'ଣ ଆମେ ଏ ଦୁନିଆରେ ସମାଜ ସେବା କରିପାରିବା ? ସମଗ୍ର ଜଗତ ପ୍ରେମରେ ଭରପୁର। ଏହା ଭଗବାନ ବିଷ୍ଣୁଙ୍କ ସ୍ୱରୂପ। ଜଗତରେ ଏପରି କୌଣସି ସ୍ଥାନ ବା କିଛି ନାହିଁ ଯେଉଁଠାରେ ସେ ନାହାଁନ୍ତି। ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କର ଅଭିବ୍ୟକ୍ତ ବୋଲି ଉପଲବ୍ଧି କରିବା ହିଁ ପ୍ରକୃତ ଭକ୍ତି। ଏହି ସିଦ୍ଧାନ୍ତର ପରମ ପ୍ରବକ୍ତା ନାରଦ ମୁନି କହିଛନ୍ତି 'ତ୍ୟାଗୋ ଭବପତି, ତୃପ୍ତୋ ଭବତି, ଆତ୍ମାରାମୋ ଭବତି।' 'ଈଶ୍ୱର ପ୍ରେମୀ ନିଜର ସବୁକିଛି ତ୍ୟାଗ କରେ, ପରମ ତୃପ୍ତି ଲାଭ କରେ, ଆତ୍ମାନନ୍ଦରେ ନିମଜ୍ଜିତ ରହିଥାଏ ହେ ପ୍ରଭୁ ! ମୋତେ ଏହିପରି ପ୍ରେମ ପ୍ରଦାନ କର।'

ମଣିଷ ଆଜି ପଶୁପକ୍ଷୀ, ଗଛଲତାଙ୍କ ଠାରୁ ବି କମ୍ କୃତଜ୍ଞତା ପ୍ରଦର୍ଶନ କରୁଛି। ସେ ପିତାମାତା, ଗୁରୁଜନ, ସମାଜ ଓ ଭଗବାନଙ୍କ ପ୍ରତି ମଧ୍ୟ ଅକୃତଜ୍ଞ। ସେ ନିଜକୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ପୂଜକ ବୋଲାଉଛି, କିନ୍ତୁ ସେଥିରୁ ଗୋଟିଏ ହେଲେ ଅଭ୍ୟାସ କରୁନାହିଁ। ଏପରି ହେବାର କାରଣ କ'ଣ ? ଏହାର କାରଣ ଅତ୍ୟନ୍ତ ସ୍ୱାର୍ଥପରତା, ନିଜର ଆସକ୍ତି ଓ ରୁଚି ପ୍ରତି ଆଗ୍ରହ। ନିଜ ସ୍ୱାର୍ଥପରତାକୁ ପରିହାର କଲେ ହିଁ ମଣିଷର ମନ ଈଶ୍ୱରାଭିମୁଖୀ ହୋଇପାରିବ।

ସୂର୍ଯ୍ୟ କିରଣରେ ସକାଳର କୁହୁଡ଼ି ଦୂର ହେବା ପରି ଈଶ୍ୱର ପ୍ରେମ ମଣିଷର ଅଜ୍ଞାନ ଓ ଗର୍ବକୁ ଦୂର କରେ। ହୃଦୟ ପ୍ରେମର ଆସନ। ସେହି ପ୍ରେମର ଅଭିବ୍ୟକ୍ତି ପ୍ରଥମେ ନିଜ ଘରୁ ଆରମ୍ଭ ହେବା ଦରକାର। ତା'ପରେ ଏହା ନିଜ ଗ୍ରାମ, ସହର, ରାଜ୍ୟ, ଦେଶ ଓ ପରିଶେଷରେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହେବା ଉଚିତ। ଆମ୍ଭେମାନେ ପ୍ରେମକୁ ଈଶ୍ୱର ବୋଲି ଭାବିବା ଉଚିତ। ଈଶ୍ୱରଙ୍କ ବିଭିନ୍ନ ରୂପ, କଳ୍ପନାରୁ ଜାତ ହୋଇଛି। ଜଣେ ଆସ୍ତିକ ହେଉ ବା ନାସ୍ତିକ ହେଉ, ଭୋଗୀ ହେଉ ବା ବୈରାଗୀ ହେଉ, ଯୋଗୀ ହେଉ ବା ବସ୍ତୁବାଦୀ ହେଉ ସେ ପ୍ରେମକୁ ଆଦର କରେ। ପ୍ରେମ ହିଁ ଏକମାତ୍ର ରୂପ ଯେଉଁ ରୂପରେ ସମସ୍ତେ ଈଶ୍ୱରଙ୍କୁ ସ୍ୱୀକାର କରିପାରିବେ। ପ୍ରେମର ଅନୁଶୀଳନ ଓ ପ୍ରେମ ବଳରେ ବିଶ୍ୱପ୍ରେମକୁ ଉପଲବ୍ଧି କରିବା ହିଁ ପ୍ରେମର ମହାନ ମାର୍ଗ। ଏହା ହିଁ ଭକ୍ତି ମାର୍ଗ।

ସଦାସର୍ବଦା ବ୍ରହ୍ମଙ୍କୁ ଧ୍ୟାନ କରି ବ୍ରହ୍ମ ଉପଲବ୍ଧି କରିବା ସମସ୍ତଙ୍କ ପାଇଁ ଆନନ୍ଦଦାୟକ ମାର୍ଗ ନୁହେଁ। ସେଥିପାଇଁ ରାମାନୁଜଙ୍କ ଭଳି ଆଧାତ୍ମିକ ଗୁରୁମାନେ ଭକ୍ତିମାର୍ଗକୁ ପସନ୍ଦ କରୁଥିଲେ। ସେ ଈଶ୍ୱର ପ୍ରେମରୁ ଝରୁଥିବା ଆନନ୍ଦ ଉପଲବ୍ଧି କରିଥିଲେ ଓ ଭକ୍ତିମାର୍ଗକୁ ଈଶ୍ୱରୋପଲବ୍ଧିର ସହଜ ଓ ସରଳତମ ମାର୍ଗ ବୋଲି ପ୍ରଚାର କରିଥିଲେ। ଏହାକୁ ସମସ୍ତେ ଗ୍ରହଣ କରିଛନ୍ତି। ପ୍ରେମ ହିଁ ଈଶ୍ୱର। ସମଗ୍ର ବିଶ୍ୱ ଈଶ୍ୱରଙ୍କ ଦ୍ୱାରା ପରିବ୍ୟାପ୍ତ। ପ୍ରତ୍ୟେକ ବସ୍ତୁରେ ଈଶ୍ୱରଙ୍କୁ ଦେଖିବା, ପ୍ରତ୍ୟେକ ବସ୍ତୁକୁ ଈଶ୍ୱରଙ୍କ ଅଭିବ୍ୟକ୍ତି ଭାବରେ ଭଲ ପାଇବା ଏବଂ ପ୍ରତ୍ୟେକ ବସ୍ତୁକୁ ପ୍ରେମର ସହିତ ଈଶ୍ୱରଙ୍କୁ ଅର୍ପଣ କରିବା ହିଁ ପ୍ରେମ ମାର୍ଗ-ଭକ୍ତିମାର୍ଗ।

ମହର୍ଷି ନାରଦ, ପ୍ରହ୍ଲାଦ ଓ ଗୋପୀମାନେ ଭକ୍ତି ମାର୍ଗର ପରମ ଆଦର୍ଶ। ପ୍ରହ୍ଲାଦ ଅର୍ଥ ଯେ ପ୍ରକୃଷ୍ଟ ଆହ୍ଲାଦରେ ପରିପୂର୍ଣ୍ଣ। ଯେଉଁ ଆହ୍ଲାଦ ପ୍ରହ୍ଲାଦଙ୍କଠାରେ ପୂରି ରହିଥିଲା ତାହା ଥିଲା ଈଶ୍ୱରପ୍ରେମ। ସେ ପ୍ରତ୍ୟେକ ବସ୍ତୁରେ ଈଶ୍ୱରଙ୍କୁ ଦେଖୁଥିଲେ। ଯେତେବେଳେ ତାଙ୍କ ବାପା ହିରଣ୍ୟକଶିପୁ ଭଗବାନ ଗୋଟିଏ ଖୁଣ୍ଟରେ ଅଛନ୍ତି କି ବୋଲି ପଚାରିଲେ ସେତେବେଳେ ସେ 'ହଁ' କହିଥିଲେ। ହିରଣ୍ୟକଶିପୁ ଖୁଣ୍ଟକୁ ଭାଙ୍ଗି ଦେଇଥିଲେ ଏବଂ ତାହା ଭିତରୁ ପ୍ରଭୁ ନରସିଂହ ରୂପରେ ଆବିର୍ଭୂତ ହୋଇ ଦିବ୍ୟତ୍ୱର ସର୍ବବ୍ୟାପକତାରେ ପ୍ରହ୍ଲାଦଙ୍କ ବିଶ୍ୱାସକୁ ପ୍ରମାଣିତ କରିଥିଲେ। ଭଗବାନଙ୍କ ସର୍ବବ୍ୟାପକତା ଉପରେ ଦୃଢ଼ ବିଶ୍ୱାସ ନଥିଲେ ଭକ୍ତିର କିଛି ଅର୍ଥ ହୁଏନାହିଁ। ବିଶ୍ୱାସ ବଢ଼ାଇବା ଦ୍ୱାରା ଭକ୍ତି ପରିପୁଷ୍ଟ ହୁଏ। ଜୀବନର ସମସ୍ତ ଅସୁବିଧାକୁ ବିଧିର ବିଧାନ ଭାବରେ ଗ୍ରହଣ କରି ତାହାକୁ ଧୈର୍ଯ୍ୟ ଓ ସ୍ଥିରତା ସହ ସହନ କରିବାକୁ ସାମର୍ଥ୍ୟ ଦିଏ। ଈଶ୍ୱରଙ୍କ ପ୍ରତି ଏକାଗ୍ର ଭକ୍ତି ପରିଶେଷରେ ଭଗବାନଙ୍କ ସହ ମିଳନ କରାଇବା ଆଡ଼କୁ ଘେନିଯାଏ। ଆଜିର ଭକ୍ତି ସକାଳର ଯୋଗ (ପୂଜା ପ୍ରାର୍ଥନା) ରୂପେ ଆରମ୍ଭ ହୋଇ, ମଧ୍ୟାହ୍ନ ଭୋଗ ଆଡ଼କୁ ଗତି କରୁଛି ଏବଂ ରାତିରେ ରୋଗରେ ପରିଣତ ହୋଇଯାଉଛି। ଗୀତା କହେ 'ସତତଂ ଯୋଗୀନଃ'। ସଦାସର୍ବଦା ଈଶ୍ୱରଙ୍କଠାରେ ନିମଜ୍ଜିତ ହେବା ଯୋଗୀର ଲକ୍ଷଣ। ଏହାକୁ ଥରକରେ ଲାଭ କରି ହୁଏନାହିଁ; କିନ୍ତୁ ନିରନ୍ତର ଅଭ୍ୟାସ ବଳରେ ଏହା ସମ୍ଭବ।

*-ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ:୯୨୩୮୬୦୨୮୨୫*

# ଆଲଝିମର୍: କିଛି ମନେପଡୁନି...

--------ଡାକ୍ତର ସମ୍ରାଟ କର--------



ପ୍ରତିବର୍ଷ ସେପ୍ଟେମ୍ବର ମାସକୁ ବିଶ୍ୱ ଆଲଝିମର୍ ମାସ ଓ ସେପ୍ଟେମ୍ବର ୨୧କୁ ତାରିଖକୁ ବିଶ୍ୱ ଆଲଝିମର ଦିବସ ଭାବେ ପାଳନ କରାଯାଏ। ଏହି ରୋଗ ପ୍ରାୟ ୬୦-୬୫ ବର୍ଷ ପରେ ଆରମ୍ଭ ହୋଇଥାଏ। ପ୍ରଥମେ ସ୍ମରଣ ଓ ଭାବନା ଶକ୍ତି କମିଯାଏ। ଆସ୍ତେ ଆସ୍ତେ ନିତିଦିନିଆ କାମ ଯଥା: ଗାଧୋଇବା, ଖାଇବା ମଧ୍ୟ ଭୁଲିଯାଆନ୍ତି। କ୍ରମଶଃ କଥାବାର୍ତ୍ତା କରିବା ଓ ପୋଷାକପତ୍ର ପିନ୍ଧିବାରେ ମଧ୍ୟ ଅସୁବିଧା ହୋଇଥାଏ। ଔଷଧ ବ୍ୟତୀତ ପରିବାର ଲୋକଙ୍କ ଦାୟିତ୍ୱ ମଧ୍ୟ ଅଧିକ। ଏହାକୁ ଜର୍ମାନୀର ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଓ ପାଥୋଲୋଜିଷ୍ଟ ଆଲୋଇସ୍ ଆଲଝିମର୍‌ଙ୍କ ନାମରେ ନାମକରଣ କରାଯାଇଛି। **କାରଣ:** ଏହା ମସ୍ତିଷ୍କର ଏକ ଜଟିଳ ପ୍ରକ୍ରିୟା ଯୋଗୁଁ ସ୍ନାୟୁ ନଷ୍ଟ ହେଲେ ହୋଇଥାଏ। ମୁଖ୍ୟତଃ ବଂଶଗତ କାରଣ ଯୋଗୁ ହୋଇଥାଏ। ଏହାଛଡ଼ା ମସ୍ତିଷ୍କରେ ଆଘାତ ହୋଇଥିଲେ, ମାନସିକ ବିଷାଦ ଓ ଉଚ୍ଚ ରକ୍ତଚାପ ରୋଗର ସମ୍ଭାବନାକୁ ବଢ଼ାଇଦିଏ। **ପ୍ରଭାବ:** ପ୍ରାୟ ୬୫ ବର୍ଷ ପରେ ଶତକଡ଼ା ପ୍ରାୟ ୫ରୁ ୧୦ ଭାଗ ଲୋକଙ୍କଠାରେ ଏହି ରୋଗ ଦେଖାଯାଇଥାଏ। ଏହି ରୋଗର ପ୍ରାୟ ୫ ପ୍ରତିଶତ ୬୫ ବର୍ଷ ପୂର୍ବରୁ ମଧ୍ୟ ହୋଇପାରେ। **ଲକ୍ଷଣ:** ଏହି ରୋଗରେ ପ୍ରଥମେ ପ୍ରଥମେ ମନେରଖିବା, ଭାବିବା ଶକ୍ତି କମିଯାଇଥାଏ। ଆସ୍ତେ ଆସ୍ତେ ଛୋଟ ଛୋଟ କାମ ଏପରିକି ନିତିଦିନିଆ କାମକୁ ମଧ୍ୟ ଭୁଲିଯାଇ ସେଇ କାମଟିକୁ ଠିକ୍ ଭାବରେ କରିପାରନ୍ତି ନାହିଁ। କ୍ରମଶଃ କଥାବାର୍ତ୍ତା କରିବା ଓ ପୋଷାକପତ୍ର ପିନ୍ଧିବାରେ ମଧ୍ୟ ଅସୁବିଧା ହୋଇଥାଏ। ଏହି ରୋଗର ପ୍ରଥମ ଲକ୍ଷଣ ହେଉଛି ଲୋକଟି ପ୍ରଥମେ ପ୍ରଥମେ ଛୋଟ ଛୋଟ କାମଗୁଡ଼ିକୁ ଯଥା: ଟଙ୍କା ପଇସା, ଚାବି କେଉଁଠି ରଖିଛି ସେସବୁ କାମଗୁଡ଼ିକ ଭୁଲିଯାଆନ୍ତି। ଆସ୍ତେ ଆସ୍ତେ ନିକଟରେ ଘଟିଥିବା ଘଟଣାଗୁଡ଼ିକୁ ମଧ୍ୟ ଲୋକଟି ଭୁଲିଯାଆନ୍ତି। ତା'ପରେ କ୍ରମଶଃ ନିଜର ଅନ୍ତରଙ୍ଗ ଲୋକମାନଙ୍କୁ ମଧ୍ୟ ଚିହ୍ନିପାରନ୍ତି ନାହିଁ। ବାରମ୍ବାର ନିଜର ନିତିଦିନିଆ କାମରେ ବ୍ୟବହାର ହେଉଥିବା ଜିନିଷ ଯଥା: ଘଣ୍ଟା, ଟଙ୍କା, ପାନିଆ ଇତ୍ୟାଦି କେଉଁଠି ରଖନ୍ତି, ତାହା ମନେରହେନାହିଁ। ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରନ୍ତି। ନିଜର ନିତ୍ୟକର୍ମ ଯଥା ଗାଧୋଇବା, ଖାଇବା ଇତ୍ୟାଦି ଠିକ୍ ଭାବରେ କରିପାରନ୍ତି ନାହିଁ। ବାଉଳା ହୋଇ ଅବାନ୍ତର କଥା କହିଥାଆନ୍ତି। ନୂଆ ଜିନିଷ, ନୂଆ କାମ କିଛି ବୁଝିପାରନ୍ତି ନାହିଁ। ନିଜର ପୋଷାକ ମଧ୍ୟ ନିଜେ ପିନ୍ଧିପାରନ୍ତି ନାହିଁ। ଏପରି ଲୋକର ଦାୟିତ୍ୱ ନେବା ବହୁତ କଷ୍ଟ। ସେ ପ୍ରତିଦିନ ଏକ ନୂଆ ନୂଆ କଥା କହିବାକୁ ଚେଷ୍ଟା କରିବେ। ଦିନକୁ ଦିନ ତାଙ୍କର କଥାବାର୍ତ୍ତା ମଧ୍ୟ ବଦଳେ। **ଚିକିତ୍ସା:** କୌଣସି ପ୍ରକାର ଔଷଧ ଚିକିତ୍ସା ଏହି



ରୋଗକୁ ସଂପୂର୍ଣ୍ଣ ଭାବେ ଭଲ କରିପାରିବ ନାହିଁ, ମାତ୍ର ଏହାର ଲକ୍ଷଣକୁ କିଛି ମାତ୍ରାରେ କମ୍ କରିହେବ। ରୋଗର ପ୍ରକ୍ରିୟାକୁ କମାଇ ଦିଆଯାଇପାରିବ। ଔଷଧ ବ୍ୟତୀତ ପରିବାର ଲୋକଙ୍କ ଦାୟିତ୍ୱ ଅଧିକ। ଏପରି ରୋଗୀଙ୍କୁ ବଡ଼ ବଡ଼ ବାକ୍ୟ ନ କହି ଛୋଟ ଛୋଟ ଶବ୍ଦ, ଯେପରି ସେ ବୁଝିପାରିବେ ସେପରି କହିବା ଉଚିତ। ତାଙ୍କୁ ଏକ ପିଲା ଭାବି ବ୍ୟବହାର କରିବା ଉଚିତ ନୁହେଁ। ଟିଭି ଓ ରେଡ଼ିଓରେ ସାଉଣ୍ଡ କମ୍ ଦେବେ, ଦିନବେଳା ଲାଇଟ ଜଳାଇବେ, ପାଖରେ ଗୋଟିଏ ବଡ଼ ଘଣ୍ଟା ରଖିବେ। କଥା ହେବାବେଳେ ତାଙ୍କର ଯଦି କୌଣସି ଶବ୍ଦ ବା କଥା ମନେପଡୁ ନଥିବ, ତାହାହେଲେ ତାଙ୍କୁ ମନେପକାଇଦେବା ଉଚିତ। ଗାଧୁଆଘରେ ଯେପରି ସେ ଝୁଣ୍ଟି ନ ପଡ଼ିବେ ସେଥିପାଇଁ ଯତ୍ନଶୀଳ ହେବେ। ଯେଉଁ ପୋଷାକ ପିନ୍ଧିଲେ ତାଙ୍କୁ ଆରାମ ଲାଗିବ, ସେହିପରି ପୋଷାକ ତାଙ୍କ ପାଖରେ ରଖିବେ। ତାଙ୍କୁ ଥରକରେ ବେଶି ଖାଇବାକୁ ନଦେଇ ଅଳ୍ପ ଅଳ୍ପ କରି ଅଧିକ ଥର ଖାଇବାକୁ ଦେଲେ ଭଲ। ଖାଇବା ପାଇଁ ପ୍ଲେଟ ଅପେକ୍ଷା ଗିନା ବା ପାତ୍ରରେ ଦେଲେ ଖାଇବାକୁ ସୁବିଧା ହେବ। ରୋଗୀଟି ଯଦି ଛୋଟ ଛୋଟ କାମ କରେ ତାକୁ ଉତ୍ସାହିତ କରନ୍ତୁ। ସବୁଦିନ କିଛି ଶାରୀରିକ ପରିଶ୍ରମ ଯଥା: ଚାଲିବା, ବଗିଚା କାମ କରିବା ଇତ୍ୟାଦି କରିବା ଉଚିତ। ସେ ନିଜକୁ ଯେତେ ସ୍ୱାଧୀନ ମନେକରିବେ ସେତେ ଭଲ। ଏହି ରୋଗଟି ଯେତେବେଳେ ବଢ଼ିଯାଏ ସେତେବେଳେ ଆହୁରି ଅସୁବିଧା ହୁଏ। ଏପରିକି ବେଳେବେଳେ ବିଛଣାରେ ପରିସ୍ରା କରିଦିଅନ୍ତି। ତେଣୁ ଏହି ସମୟରେ ଲୋକଟିକୁ ପ୍ରତି ତିନି ଚାରି ଘଣ୍ଟାରେ ବାଥରୁମ୍‌କୁ ନେବା ଉଚିତ। ପରିସ୍ରା ଲାଗିବାର ଲକ୍ଷଣ ଯଥା: ଅସ୍ଥିର ହେଲେ, ନିଜର ଲୁଗା ଟାଣିଲେ ବାଥରୁମ୍‌କୁ ସଙ୍ଗେ ସଙ୍ଗେ ନେଇଯିବେ। ଏହି ରୋଗର ଶେଷ ଅବସ୍ଥାରେ କେତେକ ଲୋକ କିଛି ଜାଣି ନପାରି ରାସ୍ତାରେ ବୁଲନ୍ତି। ତେଣୁ ସେମାନଙ୍କ ପକେଟରେ ଘରର ଠିକଣା ଲେଖି ରଖିବେ। ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

*-ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ: ୯୧୩୨୪୩୩୩୩୩*




# ଅଶୋକ ମହାନ୍ତି ଥିଲେ ସୃଜନକଳାର ମହମହ ମହକ, 'ତ୍ୟାଗଭୂମି' ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ,(ପି.ଏନ): 'ପ୍ରିୟତମା'ରୁ 'ଚୁପ୍ ଚୁପ୍ ଚୌପଦୀ' ଓ 'ବେକାର ଜୀବନ କାହାଣୀ'ରୁ 'ଧୌତ ଚିତ୍ରକଳା' ଯାଏ ପ୍ରଲମ୍ବିତ ଥିଲା କବି ଓ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କ ସୃଜନ ସମ୍ଭାର । ଉଭୟ କବିତା ଓ ଚିତ୍ରକଳା ଜଗତର ସେ ଥିଲେ ଅନୁପମ କାରିଗର । ଓଡ଼ିଶାର ବହୁ ସାରସ୍ୱତ ଅନୁଷ୍ଠାନରୁ ତାଙ୍କୁ ଅସାମାନ୍ୟ ସ୍ୱୀକୃତି ମିଳିଥିଲା ଓ ରାଜ୍ୟ ଲଳିତ କଳା ଏକାଡ଼େମୀ ପକ୍ଷରୁ ୨୦୨୦ରେ ସେ ଶିଳ୍ପୀ ସମ୍ବର୍ଦ୍ଧନା ମଧ ପାଇଥିଲେ । ବହୁ ପୁସ୍ତକର ପ୍ରଚ୍ଛଦଶିଳ୍ପୀ ଭାବେ ତାଙ୍କର ରହିଛି ସ୍ୱାକ୍ଷର ଅମଳିନ । ବାସ୍ତବରେ ସେ ଥିଲେ ସୃଜନକଳାର ମହମହ ମହକ ବୋଲି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି ଅଶୋକ କୁମାର ମହାନ୍ତିଙ୍କ ସ୍ମୃତିଚାରଣ ସଭାରେ ବକ୍ତାମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ପ୍ରଥମେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ଓ ବକ୍ତା ଭାବେ ଇଂରାଜୀ ଭାଷା ସାହିତ୍ୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର, ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ଡକ୍ଟର ଶଶଧର ଦାସ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ନାଟ୍ୟକାର ସୁଧାକର ନନ୍ଦ ଓ ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସର୍ଜନକଳା, ଜୀବନଧାରା, ମଣିଷପଣିଆ ଥିଲା ଅତୁଳନୀୟ ଓ ବାସ୍ତବରେ ତ୍ୟାଗଭୂମି ଜଣେ କୃତି ସନ୍ତାନଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଦୀପ କୁମାର ନାୟକ, ବିଚିତ୍ରାନନ୍ଦ ମହାନ୍ତି, ଶିଳ୍ପୀ ଅଚ୍ୟୁତାନନ୍ଦ ଦାସ, ରୂପକ ବିହାରୀ ରାୟ, ହରିଶ୍ ଦାସ, ଅଧିବକ୍ତା ଗଦାଧର ବଳ, ଡକ୍ଟର ଅଭୟ କୁମାର ଦାସ, ଶିଳ୍ପୀ ରତିକାନ୍ତ ଦାସ, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଡକ୍ଟର ରାଧାବିନୋଦ ନାୟକ, ଡକ୍ଟର ରାଧାରାଣୀ ମହାପାତ୍ର, ଗବେଷକ ଭାଗବତ ତ୍ରିପାଠୀ, ଅଧ୍ୟାପକ ନିହାର ରଞ୍ଜନ କର, ପବନ ଶର୍ମା, ଲଲାଟେନ୍ଦୁ ମହାନ୍ତି, ପଦ୍ମନ ରାୟ ଓ ସ୍ୱର୍ଗତ ମହାନ୍ତିଙ୍କ କନିଷ୍ଠଭ୍ରାତା ଅଜୟ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଳେନ ମେସିନ ମାଧମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି । ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।

# ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, (ପି.ଏନ) ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର । ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତିଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି । ଟିମ୍‌ଓ୍ୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର । ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ । ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି । ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି । ସେଗୁଡିକର କିଭଳି ରକ୍ଷଣବେକ୍ଷଣ କରିହେବ ସେନେଇ କାମ କରିବୁ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି । ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି ।

# ସାଲିସବିହୀନ ନେତା ବିଧାୟକ ବିଷ୍ଣୁ ସେଠୀଙ୍କ ବିୟୋଗରେ ଜିଲାବ୍ୟାପୀ ଶୋକ, ନିଜ ନିର୍ବାଚନ ମଣ୍ଡଳୀ ଧାମନଗର, ଭଦ୍ରକ ଓ ଜନ୍ମମାଟି ତିହିଡିରେ ବିପୁଳ ଶ୍ରଦ୍ଧାଞ୍ଜଳି

ଭଦ୍ରକ,(ପି.ଏନ): ଧାମନଗର ନିର୍ବାଚନ ମଣ୍ଡଳୀର ଜଣେ ଦରଦୀ ସାଲିସ ବିହିନ ରାଜନେତା, କବି, ସାହିତ୍ୟିକ, ବିରୋଧିଦଳ ଉପନେତା ତଥା ଧାମନଗରର ବିଧାୟକ ବିଷ୍ଣୁ ସେଠୀଙ୍କର ଆଜି ସକାଳେ ଭୁବନେଶ୍ୱରରେ ଏମ୍ସ ଡ଼ାକ୍ତରଖାନାରେ ପରଲୋକ ଘଟିବା ପରେ ଜିଲାବ୍ୟାପୀ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ବିଶେଷକରି ତାଙ୍କ ମର ଶରୀରକୁ ପ୍ରଥମେ ନିଜ ନିର୍ବାଚନ ମଣ୍ଡଳୀ ଧାମନଗର ଓ ପରେ ଭଦ୍ରକ ଅଣାଯାଇ ଜିଲା କାର୍ଯ୍ୟାଳୟ ଓ ସହରର କୁଆଁସସ୍ଥିତ ତାଙ୍କ ବାସଭବନରେ ଅପେକ୍ଷାରତ ଶତାଧିକ ଶୁଭେଚ୍ଛୁଙ୍କ ଗହଣରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଗାଁ ଠାରୁ ସହର ଯାଏ ବିଷ୍ଣୁ ସେଠୀ ଅମର ରହେ ଧ୍ୱନିରେ ହଜାର ହଜାର ବିଷ୍ଣୁ ପ୍ରେମୀ ଓ ସାଧାରଣ ଜନତା ଏକ ଶୋକାକୂଳ ପରିବେଶ ମଧ୍ୟରେ ନିଜର ପ୍ରିୟ ନେତାକୁ ହରାଇ ମ୍ରିୟମାଣ ହୋଇପଡ଼ିଥିବାର ଦେଖାଯାଇଥିଲା । ଆଜି ଅପରାହ୍ନ ୪ଘଟିକା ସମୟରେ ଧାମନଗର ଛକଠାରୁ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପାର୍ଥୀବ ଶରୀର ପହଂଚିବା ପରେ ଶହ ଶହ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ । ଶବ ଶୋଭାଯାତ୍ରା ଧାମନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଛକବଜାର ସ୍ଥାନରେ ପହଂଚିଥିଲା । ସେଠାରେ ସ୍ୱର୍ଗତ ସେଠୀଙ୍କ ପ୍ରାର୍ଥୀବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ । ଏହି ଅବସରରେ ବିଜେପି ଜିଲ୍ଲାସଭାପତି ହେମନ୍ତ ପାଢୀ, ବିଜେପି ନେତା ଅଭିମନ୍ୟୁ ସେଠୀ, ଆଇନ୍‌ଜୀବୀ ନିରାକାର ଜେନା, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ମଳୟ କୁମାର ଜେନା, ବିଜେପି ଜିଲ୍ଲା ପୂର୍ବତନ ସଭାପତି ବଦ୍ରିନାରାୟଣ ଧଳ, ଧାମନଗର ଏନ୍‌ଏସିର ଅଧକ୍ଷା ନିବେଦୀତା ଜେନା, ବିଜେପି ନେତା ଜଗନ୍ନାଥ ଦାସ, ବିଜେପି ନେତ୍ରୀ ମନସ୍ମିତା ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଅଶୋକ ପୁହାଣ, ବୈକୁଣ୍ଠ ସାହୁ, ପ୍ରଦୀପ ନାୟକ, କୈଳାଶ ମହାପାତ୍ର, ମନୋଜ କୁମାର ମଲ୍ଲିକ, ଅରବିନ୍ଦ ପତି, ଶରତ ମହାନ୍ତି, ବିଜେଡ଼ି ନଗରସଭାପତି ସୁଶାନ୍ତ କୁମାର ରାଉତ, ବିଜେଡ଼ି ଜିଲ୍ଲାସଭାପତି ଜଗନ୍ନାଥ ସ୍ୱାଇଁ, ବିଜେଡ଼ି ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି, ଧାମନଗର ବିଜେଡ଼ି ପର୍ଯ୍ୟବେକ୍ଷକ ସରୋଜ କୁମାର ମହାପାତ୍ର ସମେତ ଦଳୀୟ ନେତା, କର୍ମୀ ଓ ଅନ୍ୟଦଳର ନେତାମାନେ ସ୍ୱର୍ଗତ ସେଠୀଙ୍କ ଶେଷ ଦର୍ଶନ କରିଥିଲେ । ସେହିପରି ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ ଧାମନଗର ବିଜୁ ପଟ୍ଟନାୟକ ଛକ ଠାରେ ବିଡ଼ିଓ ଦୁର୍ଗାଚରଣ ମୁର୍ମୁ, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଅତିରିକ୍ତ ତହସିଲଦାର ଅନୁପ୍ ବେହେରା, ସାଇ ସିଲୋନା, ବିପିଏମ୍ ପିତବାସ ବିଶ୍ୱାଳ, ଧାମନଗର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ଧାମନଗର ଓକିଲ ସଂଘର ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଧାମନଗର ପ୍ରେସ୍ କ୍ଲବର ସଭାପତି ବାସୁଦେବ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି କିଶାନ କୁମାର ରାଉତ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ସରୋଜ କୁମାର ସେଠୀ, ପ୍ରଶାନ୍ତ କୁମାର ସାହୁ, ସେକ୍ ଜାଫର ଅଲ୍ଲୀ, ଜ୍ଞାନେନ୍ଦ୍ର ସାହୁ, ଏମ୍‌ଡ଼ି ଜିଲ୍ଲାନି, ଧାମନଗର କାନ୍ତସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର ପ୍ରମୁଖ ଶେଷଦର୍ଶନ କରିଥିଲେ । ସୂଚନା ଥାଉକି ସ୍ୱର୍ଗତ ସେଠୀ ୧୯୯୧ ଓ ୧୯୯୬ ମସିହାରେ ଭଦ୍ରକ ଲୋକସଭା ଆସନ ପାଇଁ ଦୁଇ ଦୁଇଥର ପ୍ରାର୍ଥୀଭାବରେ ନିର୍ବାଚନ ଲଢି ପରାଜୟ ବରଣ କରିଥିଲେ । ୨୦୦୦ ମସିହାରେ ଚାନ୍ଦବାଲି ନିର୍ବାଚନ ମଣ୍ଡୀଳରେ ନେତ୍ରାନନ୍ଦ ମଲ୍ଲିକଙ୍କୁ ହରାଇ ଶ୍ରୀ ସେଠୀ ବିଧାନସଭାକୁ ନିର୍ବାଚିତ ହୋଇଥଲେ । ପରେ ୨୦୦୪ ମସିହାରେ ଚାନ୍ଦବାଲିରେ ବିଧାୟକ ଭାବେ ପ୍ରାର୍ଥୀ ହୋଇ ନେତ୍ରାନନ୍ଦ ମଲ୍ଲିକଙ୍କ ଠାରୁ ପରାଜୟ ବରଣ କରିଥିଲେ । ୨୦୦୬ ମସିହାରେ ରାଜ୍ୟର ମେ ସରକାରରେ ଶ୍ରୀ ସେଠୀ କାଜୁ ନିଗମର ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇ ଥିଲେ । ପରେ ୨୦୦୯ ମସିହାରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ବିଜୁ ଜନତାଦଳର ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ଠାରୁ ପରାଜୟ ବରଣ କରିଥିଲେ । ଅନୁରୂପ ଭାବେ ୨୦୧୪ ମସିହାରେ ମୁକ୍ତିକାନ୍ତ ମଣ୍ଡଳଙ୍କ ଠାରୁ ବିଧାୟକ ପ୍ରାର୍ଥୀ ଭାବେ ପରାଜୟ ବରଣ କରିଥିଲେ । ପରବର୍ତ୍ତି ସମୟରେ ଦୀର୍ଘଦିନର ରାଜନୈତୀକ ପଶାପାଳିର ଗୋଟିଚାଲାଣା ସଫଳ ହୋଇଥିଲେ । ବିଜେଡ଼ିର ଗୋଷ୍ଠୀ କନ୍ଦଳର ଗୋଳିଆ ପାଣିରୁ ଫାଇଦା ନେଇଥିଲେ । ବିଜେଡ଼ି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଦୀର୍ଘଦିନର ବିଜେପିର ସାଂଗଠନିକ ଦୃଷ୍ଟିକୁ ଆଖିଆଗରେ ରଖି ବିଜେପି ବିରୋଧିଦଳର ଉପନେତା ଭାବେ ମନୋନୀତ କରିଥିଲେ । ସୂଚନା ଥାଉକି ବିଧାୟକ ଶ୍ରୀ ସେଠୀ ବିଭିନ୍ନ ସମୟରେ ବିଧାନ ସଭାରେ ପ୍ରଶ୍ନଉ ର ରଖି ବେଶ୍ ଚର୍ଚ୍ଚାରେ ରହିଥିଲେ । ତେବେ ତାଙ୍କର ଏହି ଅକାଳ ବିୟୋଗରେ ଭଦ୍ରକ ଜିଲ୍ଲା ତଥା ରାଜ୍ୟ ରାଜନୀତୀରେ ଜଣେ ନେତାକୁ ହରାଇଲା । ସୂଚନା ଥାଉକି ତାଙ୍କର ମରଶରୀରକୁ ଧାମନଗର ବ୍ଲକର ବିଭିନ୍ନ ଅଂଚଳ ପରିକ୍ରମା କରାଯିବା ପରେ ତାଙ୍କ ନିଜ ପୈତୃକ ସ୍ଥାନ ତିହିଡ଼ି ବ୍ଲକର ମଙ୍ଗରାଜପୁରର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ଭଦ୍ରକ ଜିଲ୍ଲାର ଜଣେ ଟାଣୁଆ ନେତାଙ୍କୁ ହରାଇଲା ବୋଲି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି ।

## କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ-୨୦୨୨ ର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): ବାଲିଯାତ୍ରା ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ବାଲିଯାତ୍ରା ପଡିଆ ନୂଆବସନ୍ତାଣ୍ଡ ସନ୍ନିକଟ ଗୋବରୀ ନଦୀ ପଠା ପରିସରରେ ପୁରାଣ ପ୍ରସିଦ୍ଧ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ-୨୦୨୨ ପାଳନ ଉପଲକ୍ଷେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା୦୮.୧୧.୨୦୨୨ରିଖରେ ଆରମ୍ଭ ହୋଇ ତା ୧୪.୧୧.୨୦୨୨ ରିଖ ପର୍ଯ୍ୟନ୍ତ ବାଲିଯାତ୍ରା ମହୋତ୍ସବ ସମ୍ପର୍କରେ ଏହି ପ୍ରସ୍ତୁତି ବୈଠକରେ ବିଷଦ ଭାବେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଯାଇଥିଲା । ତେବେ ବୈଠକରେ ଆୟବ୍ୟୟ ବିବରଣୀକୁ ନେଇ ସଦସ୍ୟ ମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । କମିଟିର ସଂପାଦକ ସଂଜୟ କୁମାର ଜେନା ସଂଯୋଜନା କରିଥିବା ବେଳେ ଉପ ସଭାପତି ଧିରେନ୍ଦ୍ର କୁମାର ଦାସଙ୍କ ଦ୍ୱାରା ୨୦୧୯ର ଆୟ ବ୍ୟୟର ହିସାବ ଚିଠା ପ୍ରସ୍ତୁତ କରାଯାଇଥିଲା । ଏହି ଅବସରରେ ସଭାପତି ପ୍ରଦୀପ ଦାଶ, ଆଇନଜୀବୀ ରମଣୀ ରଂଜନ ରାଉତରାୟ, କୋଷାଧକ୍ଷ ମନୋରଂଜନ ତ୍ରିପାଠୀ, ଉପଦେଷ୍ଟା ଶ୍ରୀଧର କୁମାର ମହାନ୍ତି, ଅକ୍ଷୟ ପ୍ରିୟ ଦାସ, ସତ୍ୟବ୍ରତ ସିଂ, ସାମ୍ବାଦିକ ମହେଶ ପାଢି, କରୁଣାକର ସାହୁ, ଲୋହିତ କୁମାର ମହାନ୍ତି, ତ୍ରିଲୋଚନ ଦାସ, କରୁଣାକର ଦାଶ, ନିରଞ୍ଜନ ମେକାପ, କିଶୋର ଚନ୍ଦ୍ର ପ୍ରଧାନ, ଶୁଭାଂଶୁ ଦାସ, ପ୍ରତାପ ନାରାୟଣ ମହାପାତ୍ର,ଲକ୍ଷ୍ମୀକାନ୍ତ ନାୟକ, ଅଶୋକ କୁମାର ସାହୁ, ପ୍ରଫୁଲ୍ଲ ସାହୁ, ପ୍ରଫୁଲ୍ଲ ଦାସ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା , ଅଲେଖ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୀତବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଲାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଲାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍ । ୧୬ ନମ୍ବର ଜାତୀୟ ରାଜପଥର ପଲାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି । ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

# ପୁରୁଣା ପେନ୍‌ସନ୍ ଦାବିରେ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି

ଭଦ୍ରକ,(ପି.ଏନ): ନୂତନ ପେନସନ ଯୋଜନା ଅନ୍ତର୍ଭୁକ୍ତ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅରବିନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ୨୦୦୫ ପରେ ନିଯୁକ୍ତ ସବୁବର୍ଗର ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରଚଳିତ ନୂତନ ପେନ୍‌ସନ ଯୋଜନା ଦ୍ୱାରା ସରକାରୀ କର୍ମଚାରୀଙ୍କ ଅବସରକାଳୀନ ଜୀବନ ଅନ୍ଧକାରମୟ ହୋଇଛି । ଜଣେ ବିଧାୟକ ବା ସାଂସଦ ୫ ବର୍ଷ ପାଇଁ କାର୍ଯ୍ୟ କରି ଲକ୍ଷଲକ୍ଷ ଟଙ୍କା ପେନ୍‌ସନ୍ ପାଉଥିଲା ବେଳେ ଜଣେ ସରକାରୀ କର୍ମଚାରୀ ୩୩ ବର୍ଷ ସେବା କରିବା ପରେ ମାସିକ ହଜାରେ ବା ବାରଶହ ଟଙ୍କା ପେନ୍‌ସନ ପ୍ରଦାନ କରାଯାଇ କର୍ମଚାରୀମାନଙ୍କୁ ଶୋଷଣ କରାଯାଉଛି । ଏହି ଯୋଜନା ବାର୍ଦ୍ଧକ୍ୟ ଭ ।, ବିଧବା ଭ । ଠାରୁ ହୀନ ବୋଲି ବୈଠକରେ ଶିକ୍ଷକମାନେ ମତ ପୋଷଣ କରିଥିଲେ । ଭାରତ ବର୍ଷର ବିଭିନ୍ନ ରାଷ୍ଟ୍ର ମଧ୍ୟରେ ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ସରକାର ପୁରୁଣା ପେନ୍‌ସନ୍ ଯୋଜନାରେ ପେନ୍‌ସନ୍ ପ୍ରଦାନ କରୁଥବା ବେଳେ ଓଡ଼ିଶା ସରକାର ନୂତନ ପେନସନ ଯୋଜନା ଲାଗୁ କରି କର୍ମଚାରୀଙ୍କ ପେଟକୁ ଲାତ ମାରୁଛନ୍ତି । ଏହାକୁ ବିରୋଧ କରିବା ପାଇଁ ରାଜ୍ୟର ସବୁ ବର୍ଗର ସରକାରୀ କର୍ମଚାରୀ ଏକ ହୋଇ ଆସନ୍ତା ନଭେମ୍ବର ମାସରେ ଏକ ଜୋର୍‌ଦାର୍ ଆନ୍ଦୋନ କରିବକୁ ସ୍ଥିର କରିଛନ୍ତି । ଏହି ଆନ୍ଦୋଳନକୁ ଭଦ୍ରକ ଜିଲ୍ଲାର ହାଇସ୍କୁଲ ଶିକ୍ଷକ ସଂଘ ଦୃଢ ସମର୍ଥ ଜଣାଇଛି ବୋଲି ସଂଘର ସଭାପତି ଜୀତେନ୍ଦ୍ର ନାୟକ ପ୍ରକାଶ କରିଥିଲେ । ୨୦୦୫ ପରେ ନିଯୁକ୍ତି ପାଇଥିବା ସମସ୍ତ ହାଇସ୍କୁଲର ଶିକ୍ଷକ ଆନ୍ଦୋଳନରେ ସାମିଲ ହେବେ ବୋଲି ଶ୍ରୀଯୁକ୍ତ ନାୟକ ଦୃଢୋକ୍ତି ପ୍ରକାଶ କରିଥିଲେ । ସରକାର ତୁରନ୍ତ ନୂତନ ପେନ୍‌ସନ ନୀତିକୁ ପ୍ରତ୍ୟାହାର କରି ପୁରୁଣା ପେନସନ୍ ଯୋଜନାରେ ସରାକରୀ କର୍ମଚାରୀଙ୍କୁ ପେନ୍‌ସନ ଦେବାକୁ ଉଭୟ ସଂଘ ଦାବି କରିଛି । ସରକାର ଦାବି ପୂରଣ ନ କଲେ ନଭେମ୍ବରରେ ଆନ୍ଦୋଳନ ନିଶ୍ଚିତ ହେବ ବୋଲି ସଂଘର କର୍ମକର୍ତ୍ତା ମାନେ ଦୃଢ ଚେତାବନୀ ଦେଇଛନ୍ତି । ଏହି ବୈଠକରେ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରଣୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ରାଉତ, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ ଖାଁ, ମହାସଚିବ ଜ୍ୟୋତିର୍ମୟ ଅଗସ୍ତି, ସହସମ୍ପାଦକ ଜାବେଦ୍ ଅଖ୍‌ତର, ବ୍ଲକ ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ନିଳାଦ୍ରୀ ତ୍ରିପାଠୀ, ଚନ୍ଦ୍ରକାନ୍ତ ଶୁକ୍ଲ, ସୁକାନ୍ତ ନାୟକ, ପ୍ରଶାନ୍ତ ବାରିକ, ଗୟାଧର ଦାସ, ଦୈତ୍ୟାରୀ ବେହେରା, ବିମଳ ଦାସ, ଶରତ ଆଚ୍ଚୋଇ, ନରେନ୍ଦ୍ର ସାହୁ, ଅନିରୁଦ୍ଧ ମଙ୍ଗଳ, ପ୍ରମୋଦ କର, ସନାତନ ଦାସ, ପ୍ରକାଶ ନାୟକ, ଭରତ କର ପ୍ରମୁଖ ଉପସ୍ଥିତ ହୋଇ ପେନ୍‌ସନ୍ ସରକାରୀ କର୍ମଚାରୀଙ୍କ ହକ୍, ଏଥି ଲାଗି ଆବଶ୍ୟକ ପଡ଼ିଲେ ରାଜ୍ୟ ସମସ୍ତ ସରକାରୀ କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ବୈଠକରେ ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ପ୍ରାଥମିକ ଶିକ୍ଷକ ମାନଙ୍କୁ ପଦୋନ୍ନତି ପ୍ରଦାନ, ୧୦ ବର୍ଷିଆ ଏମ୍.ଏ.ସି.ପି. ପ୍ରଦାନ, ନୂତନ ସିଆର୍‌ସିସି ନିଯୁକ୍ତି ଆଦି ବିଭିନ୍ନ ସମସ୍ୟାର ଆଲୋଚନା କରାଯାଇଥିଲା ।

# ଉପସ୍ଥିତି ଜାହିର କଲା ମାଓ ବାହିନୀ:ଘୁନସର ସାପ୍ତାହିକ ବଜାର ତିନୋଟି ବ୍ୟାନର

ବଲାଙ୍ଗିର ,(ପି.ଏନ): ଉପସ୍ଥିତି ଜାହିର କଲେ ଲାଲବାହିନୀ । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ଘୁନୁସର ଏବଂ ପୁଟକେଲଚୁଆଁ ମଝିରେ ଥିବା ବଜାର ପେଣ୍ଡାଲ ଠାରେ ପୃଥକ ପୃଥକ ସ୍ଥାନରେ ତିନୋଟି ମାଓ ବ୍ୟାନର ଲାଗିଛି । ଉଭୟ ହିନ୍ଦୀ ଓ ଓଡ଼ିଆ ଭାଷାରେ ଏହି ମାଓ ବ୍ୟାନର ଗୁଡ଼ିକ ଲେଖାଯାଇଛି । ରବିବାର ମଧ୍ୟରାତ୍ରୀରେ ଏହି ବ୍ୟାନର ଗୁଡ଼ିକ ମରାଯାଇଥିବା ଅନୁମାନ କରାଯାଉଛି । ସୂଚନାନୁଯାୟୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୯ତମ ପ୍ରତିଷ୍ଠା ଦିବସକୁ ଗାଁ ଗାଁରେ ଧୁମ୍‌ଧାମ୍ ରେ ପାଳନ କରିବା ପାଇଁ ଏହି ମାଓ ବ୍ୟାନରରେ ଉଲ୍ଲେଖ କରାଯାଇଛି । ଏହା ସହ ପାର୍ଟିର ସମାଧାନ ପ୍ରହାର ଆକ୍ରମଣରୁ ପାର୍ଟିକୁ ବଞ୍ଚାଇ ରଖିବାକୁ, ପାର୍ଟିକୁ ଧୋକା ଦେଇ ପୁଲିସକୁ ସୂଚନା ଦେଉଥିବା ସୂଚନାଦାତାଙ୍କୁ ପ୍ରଜା କୋର୍ଟରେ ଦଣ୍ଡିତ କରିବାକୁ, ପୁଲିସ ଓ ପୁଲିସ ସୂଚନାଦାତାଙ୍କୁ ଗାଁରୁ ତଡି ଦେବାକୁ, ସମସ୍ତ ଜେଲରେ ଥିବା ମାଓବାଦୀ କଏଦୀମାନଙ୍କୁ ରାଜନୈତିକ କଏଦୀର ମାନ୍ୟତା ଦେବାକୁ, ଜେଲରେ ବନ୍ଦ ଥିବା ମାଓବାଦୀ କଏଦୀମାନଙ୍କୁ ବିନା ସର୍ତ୍ତରେ ଛାଡି ଦେବାକୁ, ବଲାଙ୍ଗିରରେ ନିର୍ମଳାଙ୍କୁ ମାଓବାଦୀ ସମର୍ଥନ ନାଁରେ ଗିରଫ କରିଥିବା ଦୁର୍ଜନଙ୍କୁ ବିନା ପେଶିରେ ଛାଡି ଦେବାକୁ, ବଲାଙ୍ଗିର, ପାଟଣାଗଡ଼, ସମ୍ବଲପୁର ଜେଲରେ ଥିବା ସମସ୍ତ ମାଓବାଦୀ କଏଦୀମାନଙ୍କୁ ବିନା ସର୍ତ୍ତରେ ଛାଡି ଦେବାକୁ ମାଓବାଦୀମାନେ ଦାବୀ କରିଛନ୍ତି । ତେବେ ଏହି ବ୍ୟାନରର ଶେଷରେ ବିବିଏମ ଡିଭିଜନାଲ କମିଟି ସେପଟ୍ଟେମ୍ବର ୨୧ ଓ ୧୩/୯/୨୦୨୨ ଲେଖା ହୋଇଥିବା ଦେଖାଦେଇଛି । ଅଂଚଳରେ ଲୋକେ ଭୟଭୀତ ରହିଛନ୍ତି ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।




## ଭାରତ ଯୋଡ଼ୋ-ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭାରତ ଯୋଡ଼ୋ- ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି କର୍ମକର୍ତା, ପୂର୍ବତନ ଏଆଇସିସି କର୍ମକର୍ତା, ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ସାଂସଦ ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ ସଭାପତି, ଜିଲ୍ଲା ସଂଯୋଜକ, ରାଜ୍ୟ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଜୟରାମ ରମେଶ ଭାରତ ଯୋଡ଼ୋ ଯାତ୍ରା ସଂପର୍କରେ ସୂଚନା ଦେଇଥିଲେ। ଭାରତ ଯୋଡ଼ୋ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ବିଜେପି, ଆରଏସଏସ ଏବଂ ମୋଦି ଭାରତକୁ ବିଭାଜିତ କରିବା ଷଡ଼ଯନ୍ତ୍ର କରୁଛନ୍ତି। ଦେଶରେ ଘୃଣା, ହିଂସା, ଆଂଚଳିକ ବାଦ, ଜାତି, ଧର୍ମ, ଖାଦ୍ୟ ଓ ପୋଷାକର ଭେଦ ସୃଷ୍ଟି କରି ନିର୍ବାଚନୀ ଫାଇଦା ପାଇଁ ଭାରତକୁ ଖଣ୍ଡ ଖଣ୍ଡ କରିବାପାଇଁ ଗୈରିକ ଦଳ ଉଦ୍ୟମ କରୁଛି। ଦେଶରେ ଦାରିଦ୍ର୍ୟ, କ୍ଷୁଧା, ଗରିବି ଓ ଦରଦମା ବୃଦ୍ଧିର ପରିସ୍ଥିତି ଅଣାୟତ ହୋଇପଡ଼ିଛି। ଦେଶର ସଂପତିକୁ ମୋଦି ତାଙ୍କର ବନ୍ଧୁ ପୁଂଜିପତି ହାତରେ ଟେକି ଦେଉଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଆଜି ଦୁର୍ବଳ ହୋଇପଡ଼ିଛି। ସରକାରୀ କଳର ଅପବ୍ୟବହାର ହେଉଛି, ସେଥିପାଇଁ ଦେଶ ଭାଙ୍ଗିତୁଟି ଯାଉଥିଲା ବେଳେ ଦେଶବାସୀଙ୍କୁ ସାଥିରେ ଧରି ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରାରେ ଆଗେଇ ଚାଲିଛନ୍ତି। ଏହି ଯାତ୍ରାକୁ ସବୁବର୍ଗର ଲୋକ ସମର୍ଥନ ଦେଉଥିଲା ବେଳେ ବିଜେପି ଆରଏସଏସ୍ ଏବଂ ମୋଦିବାଦୀମାନେ ଅସହିଷ୍ଣୁ ହୋଇପଡ଼ି ରାହୁଲ ଗାନ୍ଧୀଙ୍କ ଉପରେ ବିଭିନ୍ନ ଟିପ୍ପଣି ଦେଉଛନ୍ତି। ଭାରତ ଯୋଡ଼ୋ ପଦଯାତ୍ରାକୁ ଓଡ଼ିଶାରେ ଆଗେଇ ନେବାପାଇଁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କ ଯୋଜନା ସଂପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହି ଯାତ୍ରା ରାଜ୍ୟର ୨୬ଟି ଜିଲ୍ଲାର ୨୨୫୦ କି.ମି. ପଦଯାତ୍ରା ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ। ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁଆରୀ ୩୦ ତାରିଖରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ନବୀନ ସରକାର ଓଡ଼ିଶାର ଜନସାଧାରଣଙ୍କୁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ବର୍ଷକୁ ୨ଲକ୍ଷ ଚାକିରି, ପ୍ରତ୍ୟେକ ବ୍ଲକରେ ୩୫% ଚାଷଜମିରେ ଜଳସେଚନ ଯୋଗାଇବା, ଉତମ ସ୍ୱାସ୍ଥ୍ୟ ଯୋଗାଇ ଦେବା, କୃଷିଭିତିକ ଶିଳ୍ପ ସହିତ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ବହୁ କିଛି କରିବାର ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ୨୨ ବର୍ଷ ଭିତରେ ଆଜି ସ୍କୁଲର ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଲକ୍ଷ ଲକ୍ଷ ଯୁବକ ବେକାର, ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଠିକା କର୍ମଚାରୀ ରୂପେ ନିଯୁକ୍ତି ଦିଆଯାଉଛି। କୃଷକ ଆତ୍ମହତ୍ୟା ଓ ସଂଗଠିତ ଅପରାଧରେ ସାଇବର ଠକାଇ ଆଦିରେ ରାଜ୍ୟ ଚରମ ସୀମାରେ ପଂହଚିଲାଣି। ଠିକ୍ ସେହିଭଳି ଭାବରେ ୮ ବର୍ଷ ଭିତରେ ମୋଦି ସରକାର ଭାରତବାସୀଙ୍କୁ ଯେତେସବୁ ପ୍ରତିଶ୍ରୁତି ଦେଇଥିଲେ ଗୋଟିଏ ବି ପ୍ରତିଶ୍ରୁତିକୁ ପାଳନ କରିବାରେ ସମର୍ଥ ହୋଇନାହାନ୍ତି। ୨ କୋଟି ଚାକିରି, ୧୫ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ, କଳାଧନ ଫେରାଇ ଆଣିବା କଥା ଏକ ଭେଳିକିରେ ପରିଣତ ହୋଇଛି। ଦରଦାମ ବୃଦ୍ଧିରେ ଆଜି ସାରାଦେଶ ହନ୍ତସନ୍ତ। ଏହି ପଦଯାତ୍ରାର ସୁପରିଚାଳନା ପାଇଁ ଜିଲ୍ଲା ସଂଯୋଜକ, ବ୍ଲକ ସଂଯୋଜକ ଏବଂ ପଂଚାୟତ ସଂଯୋଜକ, ବୁଥ ସଂଯୋଜକ, ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନମାନଙ୍କର ସଂଯୋଜକ ନିଯୁକ୍ତ ହୋଇଛନ୍ତି। ପଦଯାତ୍ରା ସମୟରେ ପଂଚାୟତ ସ୍ତରରୁ ସାଧାରଣ ଜନତା ଆସି କିପରି ଏହି ଯାତ୍ରାରେ ଯୋଡ଼ିହେବେ ତାର ଯୋଜନା ପ୍ରସ୍ତୁତ ହୋଇଛି। ପଦଯାତ୍ରା ସମୟରେ ବ୍ୟାପକ ପରିମାଣରେ ପ୍ରଚାରପତ୍ର ଜନସଚେତନା ପାଇଁ ବଂଟନ କରାଯିବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ପଦଯାତ୍ରା ସମୟରେ ସେ ଅଂଚଳର ସବୁବର୍ଗର ଲୋକଙ୍କ ସହିତ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ଓଡ଼ିଶା ପ୍ରଭାରୀ ଉପସ୍ଥିତ ରହି ବିଭିନ୍ନ ପଦାଧିକାରୀମାନଙ୍କର ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଆରଓ ନିରୋଜ ଡାଙ୍ଗି, ଏଆଇସିସି ସଂପାଦକ ରୁଦ୍ର ରାଜୁ, ଶ୍ରୀ ନିରଂଜନ ପଟ୍ଟନାୟକ, ଶ୍ରୀ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ସୁଶ୍ରୀ ସୁଶିଳା ତିରିଆ, ଡା. ରାମଚନ୍ଦ୍ର ଖୁଂଟିଆ, ଶ୍ରୀ ଶରତ ରାଉତ, ଶ୍ରୀ ସୁରେଶ କୁମାର ରାଉତରାୟ, ଶ୍ରୀ ତାରାପ୍ରସାଦ ବାହିନୀପତି, ଶ୍ରୀ ସନ୍ତୋଷ ସିଂ ସାଲୁଜା, ଶ୍ରୀ ରମେଶ ଜେନା, ଶ୍ରୀ ରାଜନ ଏକା, ଶ୍ରୀ ଭୁଜବଳ ମାଝୀ, ଶ୍ରୀ ସୁରେଶ କୁମାର ମହାପାତ୍ର, ଶ୍ରୀ ଗଣେଶ୍ୱର ବେହେରା, ଶ୍ରୀ ରବିନ୍ଦ୍ର କୁମାର ସେଠୀ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, ମନୋରଂଜନ ଦାଶ, ମାନସ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ସୁରେନ୍ଦ୍ର ସିଂ ଭୋଇ, ନବଜ୍ୟୋତି ପଟ୍ଟନାୟକ, ଅଭିଷେକ ମହାନନ୍ଦ, ଉମାବଲ୍ଲଭ ରଥ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସ୍ମୃତିରଂଜନ ଲେଙ୍କା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମନୋଜ ରାଉତ, ସୁବ୍ରତ ମହାପାତ୍ର, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକ ବିଷ୍ଣୁ ସେଠୀଙ୍କୁ ଜାରକାରେ ଶ୍ରଦ୍ଧାଂଜଳି



ଧର୍ମଶାଳା (ପିଏନ୍): ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ଧାମନଗର ବିଧାୟକ ତଥା କବି ବିଷ୍ଣୁ ଚରଣ ସେଠୀଙ୍କ ପାର୍ଥିବ ଶରୀରରରେ ଜାରକାଠାରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତଃ ସେଠୀ ଦୀର୍ଘଦିନ ହେଲା କିଡନୀଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମସ୍ ହସପିଟାଲରେ ଚିକିତ୍ସାଧିନ ଥିଲେ । ଗତକାଲି ଭୋର ସମୟରେ ସେଠାରେ ତାଙ୍କର ପରଲୋକ ହୋଇଯାଇଛି । ତାଙ୍କ ମରଶରୀର ଧାମନଗର ଯିବା ସମୟରେ ଜାରକାଠାରେ ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ବହୁ ବିଜେପି କର୍ମୀ ଜାରକା ଛକରେ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶେଷଦର୍ଶନ କରିଥିଲେ । ଏଥିରେ ଚୋରମୁହାଁ ସରପଂଚ ପ୍ରଦ୍ୟୁମ୍ନ ମହାନ୍ତି, ମିର୍ଜାପୁର ସରପଂଚ ପ୍ରଶାନ୍ତ ମଲିକ, ମଣ୍ଡଳ ସଭାପତି କୁଳମଣି ମଲିକ, ଅର୍ଜୁନ ନାୟକ, ତପନ ମାହୁନ୍ତ, ମାନସ ମହାନ୍ତି, ହେମନ୍ତ ଆଚାର୍ଯ୍ୟ, ଯୁବ ମୋର୍ଚ୍ଚା ସଭାପତି ଅଭିଶେକ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ସେଠୀଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶେଷଦର୍ଶନ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ପଂଚାୟତ ଟିକରସାହିରେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକର ମୃତ୍ୟୁ ଘଟିଛି । ମୃତକ ଶ୍ରମିଜ ଜଣକ ସ୍ଥାନୀୟ ଟିକରସାହିର ବିର ସାମଲଙ୍କ ପୁଅ ରଂଜନ ସାମଲ (୪୦) । ସେ ଗତକାଲି ମଧ୍ୟାହ୍ନରେ ସ୍ନାନ ପରେ ଘରେ ବିଦ୍ୟୁତ ବଲ ଜଳାଇବା ପାଇଁ ସୁଇଚ ମାରିବା ବେଳେ ତାଙ୍କୁ କରେଂଟ ମାରିଥିଲା । ଫଳରେ ସେ ଗୁରୁତର ଅସୁସ୍ଥ ହୋଇ ଚଟାଣରେ ପଡିଯାଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡିକାଲରେ ଭର୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ବଡଚଣା ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି ।

## ଆରୁହା କଳାପଥର ଖାଦାନରେ ଅର୍ଥନୈତିକ ଅପରାଧ ଶାଖାର ତଦନ୍ତ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ହୋଇଥିବା କୋଟି କୋଟି କୋଟି ଟଙ୍କାର ଦୁର୍ନିତିର ତଦନ୍ତ ପାଇଁ ଗତକାଲି ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ କରାଯାଇଛି । ସୂଚନାଯୋଗ୍ୟ ଯେ ଆରୁହା କଳାପଥର ଖାଦାନର ୩ ଏକର ଅଂଚଳକୁ ଆରୁହା ଅଂଚଳର ତ୍ରିନାଥ ଜେନା ୧୪/୧୨/୨୦୧୭ ମସିହାରେ ୫ ବର୍ଷ ପାଇଁ ଲିଜ ନେଇଥିଲେ । ମାତ୍ର ଲିଜଧାରୀ ଶ୍ରୀ ଜେନା ତିନି ଏକରରୁ ଉର୍ଦ୍ଧ ଅଂଚଳରୁ ବ୍ୟାପକ ଖନନ କରି କଳାପଥର ଲୁଟ କରିନେଇଥିବା ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧର କରି ଲୋକାୟୁକ୍ତ ୩୫୫/୨୦ରେ ଏକ କେଶ ରୁଜୁ କରିଥିଲେ। ଏହି ମାମଲାରେ ଏକ ମିଳିତ ତଦନ୍ତ କରିବାକୁ ଲୋକାୟୁକ୍ତ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ ରାଜସ୍ୱ ଅକ୍ଷୟ କୁମାର ମଲିକଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଏକ ଟିମ ଆସି ସରଜମିନ ତଦନ୍ତ କରିଥିଲେ । ତଦନ୍ତରୁ ଲିଜ ଅଂଚଳ ବାହାରୁ ବ୍ୟାପକ କଳାପଥର ଲୁଟ ହୋଇଥିବା ଜଣାପଡିଥିଲା। ଏହି ବାବଦକୁ ଲିଜଧାରୀ ଉପରେ ପାଖାପାଖି ୨୫ କୋଟି ଟଙ୍କାର ଜୋରିମାନା କରିଥିଲେ । ଏଥିରେ ଲିଜଧାରୀ ସମେତ ତତ୍କାଳିନ ଆରଆଇ, ତହସିଲଦାର ଓ ପୁଲିସ ସହଯୋଗରେ ଏହି ଲୁଟ ହୋଇଥିବା ନେଇ ଜଣାପଡିବା ପରେ ଏହାର ତଦନ୍ତ ପାଇଁ ଲୋକାୟୁକ୍ତ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ମୁତାବକ ଗତକାଲି ଇଓଡବ୍ଲୁଡି ଏସପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ପରିବେଶ ବିଭାଗ, ଖଣିଜ ବିଭାଗ, ଜିଓଲୋଜି ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଅଧୁନିକ ଜ୍ଞାନକୌଶଳ ମାଧ୍ୟମରେ ମାପଚୁପ କରିଥିଲେ। ଏହି ତଦନ୍ତ ସମୟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଆରୁହା ଆରଆଇ ମନୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି



ଖୋର୍ଦ୍ଧା (ପିଏନ୍): 'ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ନବ ଉନ୍ମେଷ-୧୮୧୭ ପାଇକ ବିଦ୍ରୋହ' ଶୀର୍ଷକ ଆଲୋଚନାଚକ୍ର କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସତକୁ ଲୋକଲୋଚନକୁ ଆଣିବା, ବିଭ୍ରାନ୍ତିକୁ ରୋକିବା ବୋଲି ସୂଚନା ଦେଇଥିଲେ। ବକ୍ସି ଜଗବନ୍ଧୁ ସ୍ମାରକ ମଂଚର ସମ୍ପାଦକ ସମରେନ୍ଦ୍ର ବଳିଆରସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି କହିଥିଲେ ଯେ, ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନିଜ ଗ୍ରାମ ରୋଡଙ୍ଗରୁ ବିଦ୍ରୋହର ସୂତ୍ରପାତ ହୋଇ ବିଭିନ୍ନ ଅଂଚଳକୁ ବ୍ୟାପିଥିଲା। ୧୮୧୭ ପାଇକ ବିଦ୍ରୋହକୁ ନେଇ ଇତିହାସ ଅତ୍ୟନ୍ତ ସ୍ପଷ୍ଟ ଥିଲେ ମଧ୍ୟ ଏ ନେଇ ସୃଷ୍ଟିକରାଯାଉଥିବା ବିଭିନ୍ନ କପୋଳକଳ୍ପିତ ଘଟଣାଗୁଡ଼ିକ ଆମ ଓଡ଼ିଆ ଏକତାର ପରିପନ୍ଥୀ। ଏ ନେଇ ଐତିହାସିକ, ବୁଦ୍ଧିଜୀବୀ, ପାଇକ ସମୁଦାୟ ଏକତ୍ର ହେବାକୁ ସେ ଆହ୍ୱାନ ଦେଇଥିଲେ। ନିରାକାରପୁର କ୍ଷେତ୍ରବାସୀ କେ.ବି.ଡି.ଏ.ଭି. କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ପ୍ରତିଭାମୟୀ ମିତ୍ର ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ଓଡ଼ିଆ ପାଇକ କୌଣସି ଗୁଣରେ ଇଂରେଜ ସୈନ୍ୟଙ୍କ ଠାରୁ କମ୍ ନ ଥିଲେ। ପାଇକଙ୍କ ସମେତ ରୟତ, ଜମିଦାର, ରାଜା ସମସ୍ତେ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଥିଲେ। କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଂଟର ପ୍ରଫେସର ଡ. ରବିନାରାୟଣ ସୁବୁଦ୍ଧି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଏକଦା ଗଂଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଆମର ଭୂଖଣ୍ଡ ପରିବ୍ୟାପ୍ତ ଥିଲା। ତେବେ ଏତେବଡ଼ ସାମ୍ରାଜ୍ୟ ଭୁଷୁଡ଼ିପଡ଼ିବା ପଛର କାରଣ ଥିଲା ଆକ୍ରମଣକାରୀମାନେ ସୁସଂଗଠିତ ଥିଲେ। ଏଥିସହ ଗୃହଶତ୍ରୁମାନେ ସେମାନଙ୍କୁ ସହଯୋଗ କଲେ, ଯାହାଫଳରେ ଧୀରେ ଧୀରେ ଆମେ ପରାଧୀନତା ଆଡ଼କୁ ଠେଲିହେଇଗଲୁ। ତେବେ ୧୮୧୭ ପାଇକ ବିଦ୍ରୋହ ଏଭଳି ଏକ ନିଆଁ ଥିଲା, ଯାହା ଏ ଦେଶର ସ୍ୱାଧୀନତା ପାଇଁ ବଳ ଯୋଗାଇଥିଲା। ଉତ୍ସବର ଅନ୍ୟତମ ଆଲୋଚକ ବାଇକଂଟିଆର କାର୍ଯ୍ୟକାରୀ ସମ୍ପାଦକ ତଥା ଗବେଷକ ମଦନମୋହନ ମହାପାତ୍ର ମତ ଦେଇଥିଲେ ଯେ, ଇଂରେଜମାନେ ଆମ ଅର୍ଥନୀତିକୁ ତଳିତଳାନ୍ତ କରିଦେଇଥିଲେ। ତେବେ ବକ୍ସି ଜଗବନ୍ଧୁଙ୍କ ଗରିଲା ଲଢେଇ ତଥା କୂଟନୀତି ଇଂରେଜମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ପାଇକବାହିନୀ ପକ୍ଷରୁ ଏଭଳି ରଣକୌଶଳରେ ସେମାନେ ଅପ୍ରସ୍ତୁତ ହୋଇପଡ଼ିଥିଲେ। ଉତ୍କଳ ବିକାଶ ପରିଷଦର ସଚିବ ଇଂ ଋଷି ଗୁମାନସିଂହ ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ୧୮୧୮ରେ ଖୋର୍ଦ୍ଧା, କଟକ, ବାଲେଶ୍ୱରରେ ପାଇକମାନଙ୍କୁ ନେଇ ଓଡ଼ିଶା କଂପାନୀ ପାଇକ ରେଜିମେଂଟ୍ ଥିଲା। ତେଣୁ ସାଂପ୍ରତିକ ସମୟରେ ପାଇକ ରେଜିମେଂଟର ବିଶେଷ ଆବଶ୍ୟକତା ରହିଛି। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଶୋକ କୁମାର ରାୟସିଂହ କହିଥିଲେ ଯେ, ସାମ୍ରାଜ୍ୟବାଦ ବିରୋଧରେ ପାଇକ ବିଦ୍ରୋହ ଏକ ବଡ଼ ବିଦ୍ରୋହ ଭାବେ ଉଭା ହୋଇଥିଲା। ଏହି ଆଲୋଚନାଚକ୍ରରେ ସମୀକ୍ଷକ ଭାବେ କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ ଯୋଗଦେଇ କହିଥିଲେ ଯେ, ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି। ଏହି ସଂସ୍କୃତି ପାଇଁ ସାରା ଦେଶ ଗର୍ବିତ। କେନ୍ଦ୍ର ସରକାର ପାଇକ ବିଦ୍ରୋହର ଦୁଇ ଶତ ବର୍ଷ ପୂର୍ତି ଉତ୍ସବ ପାଳନ କରିବା ସହ ଅଷ୍ଟମ ଶ୍ରେଣୀର ଏନସିଆରଟି ବହିରେ ଏହାକୁ ସ୍ଥାନ ଦେଇଛନ୍ତି। ତେଣୁ ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ଯେଉଁ ଉଦ୍ୟମ ଚାଲିଚି, ତାହା ଯେ କୌଣସି ପରିସ୍ଥିତିରେ ସଫଳ ହେବ। ଏଥିରେ କେହି ପ୍ରତିବନ୍ଧକ ସାଜିଲେ ଇତିହାସ କ୍ଷମା ଦେବନାହିଁ। ଅନ୍ୟମାନଙ୍କ ମଧ୍ୟରେ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସୈୟଦ୍ ଅବଦୁଲ କଲାମ ଆଜାଦ୍, ପ୍ରଭାକର ପାଲଟାସିଂହ, ଶ୍ରୀରଂଜନ ମଙ୍ଗରାଜ, ପ୍ରଦୀପ ବିଶ୍ୱାଳ, ପ୍ରଫୁଲ୍ଲ ସାମନ୍ତରାୟ, ବୈଦ୍ୟନାଥ ବରାଳ, ରଶ୍ମୀତା ନାୟକ, ନିରଂଜନ ସାମନ୍ତସିଂହାର, ଡ. ଦେବେନ୍ଦ୍ରନାଥ ମାନସିଂହ, ବିଭୁଦେନ୍ଦ୍ର କେଶରୀ ଭୋଳ, ଶକ୍ତିଧର ମହାପାତ୍ର, ଗତିକୃଷ୍ଣ ଉତରକବାଟ, ଗୋବିନ୍ଦ ଚନ୍ଦ୍ର ମହାରଣା, ନିରଂଜନ ପଶ୍ଚିମକବାଟ, ବିକ୍ରମ ଚମ୍ପତି, ରମେଶ ଚନ୍ଦ୍ର ପାତାଳସିଂହ, ମଦନମୋହନ ମହାପାତ୍ର, ସଂଗ୍ରାମ ଜଗଦେବ, ଚୈତନ୍ୟ ଜେନା ପ୍ରମୁଖ ବହୁବ୍ୟକ୍ତି ସଂକ୍ଷେପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା, ଡେଲାଙ୍ଗ, ବାଣପୁର, ବେଗୁନିଆ, ଜଟଣୀ, ଭୁବନେଶ୍ୱର ଆଦି ବିଭିନ୍ନ ଅଂଚଳରୁ ଆସିଥିବା ପାଇକଗୁରୁ, ପାଇକ ବଂଶଧରମାନେ ଏଥିରେ ଯୋଗଦେଇଥିଲେ। ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ଛୋଟରାୟଙ୍କ ନେତୃତ୍ୱରେ କଳିଙ୍ଗ ପାଇକ ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଂଜିକୃତ କୁକୁଡା ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ପଶୁ ଚିକିତ୍ସାଳୟ ପକ୍ଷରୁ ଚଳିତ ବର୍ଷ କୁକୁଡା ଚାଷ ପାଇଁ ୪୦ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଗତ ଶନିବାର ଦିନ ସେମାନଙ୍କ ମଧ୍ୟରୁ ୨୩ଜଣ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଧର୍ମଶାଳା ପଶୁ ଚିକିତ୍ସାଳୟ ପରିସରରେ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ପଶୁ ଚିକିତ୍ସାଧିକାରୀ ଡା. ରଂଜନ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କୁକୁଡା ଚାଷ ମାଧ୍ୟମରେ ବେକାର ଯୁବକ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ ପ୍ଲାନ ସ୍କିମରେ ୪୦ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ଦଫାରେ ଚିହ୍ନଟ ୨୩ ଜଣ ଚାଷୀଙ୍କୁ ତାଲିମ ଦିଆଯାଇ ୫ଶହ କୁକୁଡା ଚାଷ ପାଇଁ ଜଣକା ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ଆକାରରେ ପ୍ରଦାନ କରାଯିବ। ଏହି ଋଣ ପରିମାଣରେ ଚାଷୀମାନଙ୍କ ପାଇଁ ୪୦ ଭାଗ ବା ୭୨ ହଜାର ଟଙ୍କା ସବସିଡି ରହିଛି। ପ୍ରମାଣ ପତ୍ର ନେଇଥିବା ଚାଷୀମାନେ ହେଲେ କୋତପୁରର ହରିହର ସାମଲ, ବିଷ୍ଣୁ ଚରଣ ସାମଲ, ଅରାବଳର ଉତ୍କଳ କେଶରୀ ସାମଲ, ଇମାମନଗରର ଅନ୍ତର୍ଯ୍ୟାମି ପାଳ, ବୃନ୍ଦାଦେଇପୁରର ପ୍ରମୋଦ କୁମାର ବସ୍ତିଆ ଓ ସମ୍ପାରୁ ଗ୍ରାମର ଲଲାଟେନ୍ଦୁ ଖୁଂଟିଆ ପ୍ରମୁଖ ଚାଷୀ ରହିଛନ୍ତି। କୁକୁଡା ଚାଷୀ ଚିହ୍ନଟ ପ୍ରକ୍ରିୟାରେ ଅତିରିକ୍ତ ପଶୁ ଡାକ୍ତର ସୁବାସ ଚନ୍ଦ୍ର ଜେନା, ଡା. ଦୀପ୍ତିମୟୀ ସାହୁ ପ୍ରମୁଖ ସହାୟତା କରିଥିଲେ। ଧର୍ମଶାଳା ବିଧାୟକ ଶ୍ରୀ ବଳବନ୍ତରାୟ ଆଶାବ୍ୟକ୍ତ କରିଛନ୍ତି ଯେ କୁକୁଡା ଚାଷୀମାନେ ଋଣକୁ ଠିକ ଭାବେ ବ୍ୟବହାର କଲେ ସେମାନେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସଠିକ ବିନି ଯୋଗ କରିବେ ବୋଲି ପରାମର୍ଶ ଦେଇଥିଲେ।

## ପାର୍ବଣ ଯାତ୍ରା ନିମନ୍ତେ ବିରଜା ସେବାସମିତିର ସ୍ୱତନ୍ତ୍ର ବୈଠକ

ଯାଜପୁର (ପିଏନ୍): ମା' ବିରଜାଙ୍କ ଆସନ୍ତା ପାର୍ବଣ ଯାତ୍ରା ନିମନ୍ତେ ଗତକାଲି ଏକ ସ୍ୱତନ୍ତ୍ର ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପାଣ୍ଡବ ସାହୁ ଅସୁସ୍ଥ ହୋଇ କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଭାପତି ଶ୍ରୀ ମିଶ୍ର ମା'ଙ୍କର ମହାସପ୍ତମୀ, ମହାଷ୍ଟମୀ, ମହାନବମୀର ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ସାମାନ୍ୟ ସୂଚନା ଦେବାପରେ ଉପସଭାପତି ଶ୍ରୀ ଦ୍ୱିବେଦୀ ଏହାଉପରେ ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା କରିଥିଲେ। ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ବ୍ରହ୍ମାକୁଣ୍ଡ ନିକଟରେ ମ□ ପ୍ରସ୍ତୁତ କରି ମା'ଙ୍କ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ଓ ଏହାସହ ଭଜନ ପରିବେଷଣ ମଧ୍ୟ କରାଯିବାକୁ ସ୍ଥିର ହେଲା। ବକ୍ତାମାନଙ୍କୁ ନିମନ୍ତ୍ରଣ କରିବା ଦାୟିତ୍ୱ ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଙ୍କୁ ଦିଆଗଲା। ମଂଚରେ ଭଜନ ପରିବେଷଣ ପାଇଁ ଉମାକାନ୍ତ ପାଢ଼ୀ ଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଅନୁରୋଧ କରାଗଲା। ଟେଣ୍ଟ ହାଉସ୍ ମାଲିକ ଅଶୋକ କୁମାର ପାଣିଙ୍କୁ ମ□ ସଜା ଓ ମାଇକ୍ ସେଟ୍ ଦେବାକୁ କୁହାଗଲା। ମ□ସଜା ପାଣ୍ଡବ ସାହୁ ଓ ଭରତ ଚନ୍ଦ୍ର ସାହୁଙ୍କ ଉପରେ ନ୍ୟସ୍ତ କରାଗଲା। ମହାଷ୍ଟମୀରେ ମା'ଙ୍କର କାନିକା ପ୍ରସାଦ ପ୍ରସ୍ତୁତ ଦାୟିତ୍ୱ ବିଜୟ କୁମାର ପଣ୍ଡା ଓ ହିମାଂଶୁଭୂଷଣ ନନ୍ଦ ନେଲେ। ପ୍ରସାଦ ବଣ୍ଟନ ସମୟରେ ଭରତ ଚନ୍ଦ୍ର ସାହୁ, ବୃନ୍ଦାବନ ମିଶ୍ର ଓ ମଧୁସୂଦନ ମହାନ୍ତିଙ୍କୁ ଦାୟିତ୍ୱ ଦିଆଗଲା। ମଂଚରେ କାଗଜପତ୍ର କାର୍ଯ୍ୟ କରିବାକୁ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କୁ ଦାୟିତ୍ୱ ଦିଆଗଲା। ଆସନ୍ତା ସେପ୍ଟେମ୍ବର ୨୬ ତାରିଖ ସୋମବାର ଦିନ ୪.୩୦ ସମୟେରେ ସେବା ସମିତିର ଚୂଡାନ୍ତ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମିତିର ସମସ୍ତ ସଭ୍ୟ ବହୁସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଗଲା। ଏହି ସମସ୍ତ କାର୍ଯ୍ୟ ତଦାରଖ କରିବା ନିମନ୍ତେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ମହାନ୍ତି ଓ ଗଦାଧର ରାଉତଙ୍କୁ ଅନୁରୋଧ କରାଗଲା। ସମ୍ପାଦକ ପାଣ୍ଡବ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରି ମା'ଙ୍କୁ ଜଣାଗଲା। ଶେଷରେ ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road, Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Phagun Communication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com

Mahaditya Publication




# କେନ୍ଦୁଝରରେ ଗଡିଲା ଭୋଟର ସଚେତନତା ରଥ

କେନ୍ଦୁଝର, (ପି.ଏନ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ଗଡିଛି ଭୋଟର ସଚେତନତା ରଥ । ଚଳିତ ସେପ୍ଟେମ୍ବର ୧୯ ତାରିଖ ପୂର୍ବାହ୍ନରେ ଜିଲ୍ଲା ସଦର ମହକୁମାରେ କେନ୍ଦୁଝର ଉପଖଣ୍ଡ ତରଫରୁ ଭୋଟର ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ-ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ସୁଷମା ବିଲୁଙ୍ଗ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସହକାରୀ ଜିଲ୍ଲାପାଳ ନିର୍ବାଚନ କିରଣ କୁମାର ନାଏକ, କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ନିର୍ବାଚନ ରଶ୍ମିତା ସ୍ୱାଇଁ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ, ଏଷ୍ଟାବ୍ଲିସ୍‌ମେଂଟ୍ ଅଫିସର ମୃତ୍ୟୁଞ୍ଜୟ ପରିଡା ଏବଂ ଚିତରଂଜନ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ / କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବରିଷ୍ଠ ରାଜସ୍ୱ ସହାୟକ ଗୋପବନ୍ଧୁ ନାଏକ, ସଚ୍ଚିନ୍ ପଣ୍ଡା, ପ୍ରଦୀପ କୁମାର ନାଏକ ଏବଂ କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ ଚମ୍ପୁଆ ଏବଂ ଆନନ୍ଦପୁର ଉପଖଣ୍ଡରେ ମଧ୍ୟ ଭୋଟର ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଉକ୍ତ ଭୋଟର ସଚେତନତା ରଥ ବିଭିନ୍ନ ବ୍ଲକ୍, ତହସିଲ୍, ସହରାଂଚଳ ତଥା ଗ୍ରାମାଂଚଳ ପରିକ୍ରମା କରି ସାବାଳକ ବା ନୂଆ ଭୋଟର କିପରି ସହଜ ଉପାୟରେ ଫର୍ମ ନଂ-୬ରେ ଆବେଦନ କରି ଭୋଟର ପରିଚୟ ପତ୍ର ପାଇବେ ସେ ସଂପର୍କରେ ସଚେତନତା ସୃଷ୍ଟି କରିବ । ଏତଦ୍‌ବ୍ୟତୀତ ପୂର୍ବରୁ ଭୋଟର ପରିଚୟ ପତ୍ର ପାଇଥିବା ଭୋଟରମାନେ କିପରି ନିଜର ଆଧାର କାର୍ଡକୁ ଭୋଟର କାର୍ଡ ସହିତ ସଂଯୋଗୀକରଣ କରିପାରିବେ ସେ ସଂପର୍କରେ ସଚେତନତା ସୃଷ୍ଟି କରାଯିବ । ର୍ଦ୍ଦେଶ ଦେଇଥିଲେ । ତାସହିତ ଅନ୍ୟ ବ୍ଲକ ଗୁଡିକର ନିର୍ମାଣ ଗୁଡିକ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ରୋଗୀଙ୍କ ସଂପର୍କୀୟ ମାନଙ୍କ ରହିବା ନିମନ୍ତେ ଧର୍ମଶାଳା ଓ ବଜେଟ ହୋଟେଲ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ରାଣୀହାଟ ଛକ ନିକଟରେ କମର୍ସିଆଲ କମ୍ପ୍ଲେକ୍ସ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବଡ ଡାକ୍ତରଖାନାର ଅଧ୍ୟାପକ, ଚିକିତ୍ସକ ଓ ଅନ୍ୟ କର୍ମଚାରୀମାନଙ୍କ ରହଣୀ ନିମନ୍ତେ ୧୩ଟି ଜରଖ୍ୱସରେସିଡେନ୍ସିଆଲ ବ୍ଲକ୍ ନିର୍ମାଣ କରାଯିବ । ର୍ତ୍ତମାନ ସୁଦ୍ଧା ମାତ୍ର ୫ଟି କାମ ଆରମ୍ଭ ହୋଇଛି । ତେଣୁ ତୁରନ୍ତ ସମସ୍ତ ଆବାସିକ ବ୍ଲକର କାମ ଆରମ୍ଭ କରି ଡିସେମ୍ବର ୨୦୨୩ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ୫-ଟି ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ଏସସିବି ପବ୍ଲିକ୍ ସ୍କୁଲର କାମ ମଧ୍ୟ ମାର୍ଚ୍ଚ ୨୦୨୩ ସୁଦ୍ଧା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପରେ ୫-ଟି ସଚିବ ଶ୍ରୀ ପାଣ୍ଡିଆନ ତାଳଦଣ୍ଡା କେନାଲ ପରିଦର୍ଶନ କରି ଏହାର ରୂପାନ୍ତର କାର୍ଯ୍ୟ ବୁଲି ଦେଇଥିଲେ । ଏହି ତାଳଦଣ୍ଡା କେନାଲ କୂଳରେ ବୁଲା ବିକାଳୀ ମାନେ ଯେଭଳି ନ ବସିବେ, ସେମାନଙ୍କ ପାଇଁ କଟକ ମ୍ୟୁନିସିପାଲଟି କର୍ପୋରେସନ ପକ୍ଷରୁ ଅର୍ବାନ ହାଟ ନିର୍ମାଣ କରାଯାଉଛି । ଏହି କାମ ଡିସେମ୍ବର ୨୦୨୨ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭବିଷ୍ୟତର ପାର୍କିଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଫର ଜୋନ୍ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ମାଲପରିବହନ କରୁଥିବା ବଡ ବଡ ଯାନ ଗୁଡିକର ପାର୍କିଂ ପାଇଁ ରେଲୱେ ଠାରୁ ଅଧିକ ଜମି ନେବା ପାଇଁ ସେ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଲୋକ ତଥା ବୁଲା ବିକାଳୀ ମାନେ ଯେପରି ତାଳଦଣ୍ଡା କେନାଲରେ ଅଳିଆ ଆବର୍ଜନା ନ ପକାଇବେ, ସେଥିପାଇଁ ସେମାନଙ୍କୁ ସଚେତନ କରିବା ସହିତ କେନାଲ ରାସ୍ତାରେ ଥିବା ସମସ୍ତ ଇଲେକ୍ଟ୍ରି ସବ୍‌ଷ୍ଟେସନ, ପାଣି ପାଇପ ତଥା ନର୍ଦ୍ଦମାଜଳ ପାଇପ ସଂପୂର୍ଣ୍ଣ ଭାବରେ ତୁରନ୍ତ ସ୍ଥାନାନ୍ତରକରଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ୩.୫ କିଲୋମିଟର ପରିବ୍ୟାପ୍ତ ତାଳଦଣ୍ଡା କେନାଲ ରାସ୍ତାର ବିକାଶ କାମକୁ ଜାତୀୟ ରାଜପଥ ୧୬ ଅତିକ୍ରମ କରି କଟକ ସହର ଶେଷ ସୀମା ପର୍ଯ୍ୟନ୍ତ ବିକଶିତ କରିବା ପାଇଁ ୫-ଟି ସଚିବ ପରାମର୍ଶ ଦେଇଥିଲେ । ସେହିପରି ବିଭିନ୍ନ ଜାଗାରେ ଥିବା ସେତୁ ନିକଟସ୍ଥ ସଂଯୋଗକାରୀ ରାସ୍ତା ପ୍ରଶସ୍ତ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ରେଲୱେ ଜମି ନିକଟରେ ଥିବା ଜଳାଶୟର ସଂରକ୍ଷଣ ଓ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏତଦ୍‌ବ୍ୟତୀତ କେନାଲ ରୋଡ ର ଲ୍ୟାଣ୍ଡସ୍କେପିଂ, ତାର ରକ୍ଷଣାବେକ୍ଷଣ ଓ ପରିଚ୍ଛନ୍ନତା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ପାଣ୍ଡିଆନ ମତବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ ଯେ ଜୋବ୍ରାରୁ ରାଣୀହାଟ ପର୍ଯ୍ୟନ୍ତ ଦେଢ କିଲୋମିଟର ରାସ୍ତାର ଲ୍ୟାଣ୍ଡସ୍କେପିଂ ମୁଖ୍ୟମନ୍ତ୍ରୀ ୨୦୨୦ ଅକ୍ଟୋବରରେ ଉଦ୍‌ଘାଟନ କରିଥିଲେ । ତାଳଦଣ୍ଡା କେନାଲ ଅତୀତରେ ଆମର ଜଳସେଚନ, ଜଳ ପରିବହନ ତଥା ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ୧୮୬୨ ଖ୍ରୀଷ୍ଟାବ୍ଦରେ ଏହା ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଖନନ ହୋଇଥିଲା । ୫-ଟି ସଚିବଙ୍କ ସହିତ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ଦାୟିତ୍ୱରେ ଥିବା ବିଶାଳ ଦେବ, କେନ୍ଦ୍ରାଂଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, କଟକ ଜିଲ୍ଲାପାଳ, ସିଡିଏର ଅଧ୍ୟକ୍ଷ ଏବଂ କଟକ ମ୍ୟୁନିସିପାଲଟି କମିଶନର, ଏସସିବି ମେଡିକାଲକଲେଜର ଅଧ୍ୟକ୍ଷ, ଅଧୀକ୍ଷକ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## କେନ୍ଦୁଝରରେ ଥମୁନି ହାତୀଙ୍କ ଉପଦ୍ରବ :ବୃଦ୍ଧଙ୍କୁ ଶୁଣ୍ଢରେ ଉଠାଇ ଫିଙ୍ଗିଲା ଦନ୍ତା ହାତୀ

କେନ୍ଦୁଝର, ସେପ୍ଟେମ୍ବର: କେନ୍ଦୁଝର ଜିଲ୍ଲାରେ ଥମିବାର ନାମ ନେଉନାହିଁ ହାତୀଙ୍କ ଉପଦ୍ରବ । ଏହି ହାତୀ ମାନେ କେତେବେଳେ କେଉଁଠାରେ ଉଠୁଛନ୍ତି ତାହା କାହା ପକ୍ଷରେ ଜାଣିବା ସମ୍ଭବ ହେଉନାହିଁ । ଯେଉଁଥିପାଇଁ ଅନେକ ସମୟରେ ହାତୀ ଓ ମଣିଷର ଲଢେଇ ହେଉଛି । ହାତୀଙ୍କର ଉପସ୍ଥିତ ସଂପର୍କରେ ସାଧାରଣ ଲୋକଙ୍କୁ ସୂଚନା ଦେବାଲାଗି କେନ୍ଦୁଝର ବନ ବିଭାଗ ଏକ ଅଭିନବ ପ୍ରୟାସ ଆରମ୍ଭ କରଛି । ଏଥିରେ ଗ୍ରାମାଚଂଳ ଓ ସହରାଚଂଳର ପ୍ରାୟ ୫ ହଜାର ଲୋକଙ୍କ ମୋବାଇଲ କୁ ବିଭିନ୍ନ ଅଂଚଳରେ ହାତୀଦଳଙ୍କର ଉପସ୍ଥିତ ସଂପର୍କରେ ସୂଚନା ଦିଆଯିବା ସହ ହାତୀ ଦଳ ଯଦି କାହା ଗ୍ରାମ ନିକଟବର୍ତ୍ତି ଅଂଚଳରେ ଥିବା ଜଣା ପଡେ ତେବେ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବରକୁ ସୂଚନା ଦେବାକୁ କୁହାଯାଇଛି । ଇତି ମଧ୍ୟରେ କେନ୍ଦୁଝର ଜିଲ୍ଲାର ତେଲକୋଇ ଅଂଚଳରେ ହାତୀଙ୍କର ଉପଦ୍ରବ ଥମିବାର ନାମ ନେଉନାହିଁ । ହାତୀଦଳ ତେଲକୋଇ ଅଂଚଳବାସୀଙ୍କ ଆଖିରୁ ନିଦ ହଜାଇ ଦେଇସାରିଲେଣି । ସବୁଠାରୁ ଅଧିକ ସମସ୍ୟା ହୋଇ ଛିଡା ହୋଇଛି ହାତୀଙ୍କ ନାମରେ ବିଦ୍ୟୁତକାଟ । ଫଳରେ ଅନ୍ଧକାରରେ ହାତୀଙ୍କ ଉପସ୍ଥିତ ଠାବ କରାଯିବା ସମ୍ଭବ ପର ହୋଇ ପାରୁନଥିବା ସମସ୍ତଙ୍କର ଅଭିଯୋଗ । ଇତି ମଧ୍ୟରେ ତେଲକୋଇ ଅଂଚଳରେ ଜଣେ ବୃଦ୍ଧଙ୍କୁ ଏ କ ଗୋଠଛଡା ଦନ୍ତାହାତୀ ଶୁଣ୍ଢରେ ଉଠାଇ ଫିଙ୍ଗିବା ଯୋଗୁଁ ସେ ଗୁରୁତର ହୋଇପଡିଛନ୍ତି । ଏହି ଘଟଣା ତେଲକୋଇ ରେଞ୍ଜର ଅଂଚଳରେ ଘଟିଛି । ତେଲକୋଇ ରେଞ୍ଜର ତେଲକୋଇ ଫରେଷ୍ଟ ବିଟ ଅନ୍ତର୍ଗତ କନ୍ତଲେଇ ଗ୍ରାମରେ । ଏହି ଗ୍ରାମର ସନୁ ମୁଖି ସକାଳୁ ସକାଳୁ ତାଙ୍କ ସାହୀ ନିକଟସ୍ଥ ଦଣ୍ଡାହୋଲିକୁ ଶୌଚ ପାଇଁ ଯାଇଥିଲେ । ସେଠାରେ ସେ ହଠାତ୍ ଗୋଠଛଡା ଦନ୍ତାହାତୀ ର ସମ୍ମୁଖରେ ପଡିଯାଇଥିଲେ । ଦନ୍ତାହାତୀଟି ତାଙ୍କୁ ଶୁଣ୍ଢରେ ଉଠାଇ କିଛି ଦୂରକୁ ଫୋପାଡି ଦେଇଥିଲା ଏବଂ ଚିତ୍କାର କରଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି । ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ । ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି । ଏହାର ସମାଧାନ ଆମ ନିଜ ପାଖରେ ଅଛି । ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


2021-2022

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।






# ବାଲିଚନ୍ଦ୍ରପୁର ଥାନା ଗାଡି ଧକାରେ ଯୁବକ ଆହାତ



ଚଣ୍ଡିଖୋଲ,(ପି.ଏନ): ବାଲିଚନ୍ଦ୍ରପୁର ଥାନା ଗାଡି ଧକ୍କାରେ ଯୁବକ ଆହାତ। ଚିକିତ୍ସା ଖର୍ଚ୍ଚ ବହନ କଲେ ଥାନା ଅଧିକାରୀ । ଘଟଣା ରୁ ପ୍ରକାଶ ଯେ ମଙ୍ଗଳବାର ବାଲିଚନ୍ଦ୍ରପୁର ପୋଲିସ ପଣସୁଧା ଗ୍ରାମରୁ ଜଣେ ଆସାମୀ କୁ ଧରି ବଡ଼ଚଣା ମେଡିକାଲରେ ଚିକିତ୍ସା କରି ଚଣ୍ଡିଖୋଲ କୋର୍ଟ କୁ ଆଣୁଥିଲେ।୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଛକ ଟ୍ରାଫିକ ପଏଣ୍ଟ ନିକଟରେ ଯାଜପୁର ବିରଜାପୁର ଗ୍ରାମର ବିକାଶ ଚନ୍ଦ୍ର ରାଉତରାୟ ନାମକ ଜଣେ ଯୁବକ ଚଣ୍ଡିଖୋଲ ଛକ ଟ୍ରାଫିକ ଛକରେ ମୋଟର ସାଇକେଲରେ ଟ୍ରାଫିକ ସିଗନାଲକୁ ଅପେକ୍ଷା କରିଥିଲେ । ଏହି ସମୟରେ ବଡ଼ଚଣା ଆଡୁ ବାଲିଚନ୍ଦ୍ରପୁର ଥାନା ଗାଡି ଆସି ପଛ ପଟୁ ବିକାଶଙ୍କୁ ଧକ୍କା ଦେଇଥିଲା। ବିକାଶ ତଳେ ପଡିଯିବାରୁ ତାକୁ ଉଠାଇବାକୁ ଗାଡ଼ିରେଥିବା ସମସ୍ତ ପୋଲିସ କର୍ମଚାରୀ ଲାଗିପଡିଥିବା ବେଳେ ଗାଡ଼ିରେ ଥିବା ଆସାମୀ ହାତକଡ଼ି ସହ ଫେରାର ହେଇଯାଇଥିଲା। ପୋଲିସ ଆହତ ଯୁବକଟିକୁ ବଡ଼ଚଣା ମେଡିକାଲକୁ ନେଇ ଚିକିଛା କରିଥିଲେ। ପରେ ବାଲିଚନ୍ଦରପୁର ଥାନା ଅଧିଆକରି ରମାକାନ୍ତ ମୁଦୁଲି ଘଟଣା ସ୍ଥଳରେ ପହଂଚି ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନାଙ୍କ ସହାୟତାରେ ସୁଂଗୁଡା ଗ୍ରାମରେ ଫେରାର ଆସାମୀକୁ ଧରିବାକୁ ସକ୍ଷମ ହେଇଥିଲେ। ପରେ ଥାନାଧିକାରୀ ମେଡିକାଲରେ ପହଂଚି ଆହତ ଯୁବକର ସମସ୍ତ ଚିକିଛା ଖର୍ଚ୍ଚ ବହନ କରିବା ସହ ସେ ସମ୍ପର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଜଣେ ପୋଲିସ କର୍ମଚାରୀ ରହିବେ ବୋଲି ଯୁବକର ମା ଓ ଦାଦାଙ୍କୁ ପ୍ରତିଶୃତି ଦେବା ସହ ପ୍ରାଥମିକ ଅବସ୍ଥାରେ ଚିକିଛା ପାଇଁ ୫୦୦୦ ଟଙ୍କା ଦେଇଥିଲେ.ଆଗକୁ ବିକାଶଙ୍କୁ କିପରି ଭଲ ଚିକିଛା ମିଳିପାରିବ ସେ ବିଷୟରେ ସବୁ ବ୍ୟବସ୍ଥା କରିବାକୁ ଥାନାଧିକାରୀ ଶ୍ରୀ ମୁଦୁଲି ଗଣମାଧ୍ୟମକୁ ଜଣାଇଥିଲେ।

## କାଟେସାହି ଗ୍ରାମରେ ମେଗା ସ୍ୱାସ୍ଥ୍ୟ ଶିବିର

ଯୋଡା,(ପି.ଏନ):ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ ଓଡିଶା ଆଦିବାସୀ ଉନ୍ନୟନ ସଂସ୍ଥା (ଚମ୍ପୁଆ) ଆନୁକୂଲ୍ୟରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ କାଟେସାହି ଠାରେ ମେଗା ସ୍ୱାସ୍ଥ୍ୟ ଶିବିର ସଫଳ ରୂପେ ଅନୁଷ୍ଠିତ ହୋଇଯାଇଛି । କାଟେସାହି ଏବଂ ନିକଟତମ ଅନେକ ଗ୍ରାମର ଶତାଧିକ ରୋଗୀ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇପାରିଛନ୍ତି । ବାସୁଦେବପୁର ଡାକ୍ତରଖାନାର ଡଃ ଚନ୍ଦନ ବାରିକ,ଡଃ ସିଂହ, ଡଃ ସୁମନ୍ତ ମହାରଣା ଏବଂ ସୁରାଣୀ ପଣ୍ଡା (ପିଏଚ୍ଇଓ)ଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ମାନଙ୍କ ଉପସ୍ଥିତିରେ ଏହି ଶିବିରଟି ପରିଚାଳିତ ହୋଇଥିଲା । ବିଭିନ୍ନ ପ୍ରକାର ରୋଗୀ ଘର ଦୁଆରେ ଚକିତ୍ସା ସେବା ଏବଂ ଉତ୍ତମ ମୂଲ୍ୟବାନ ଔଷଧ ସବୁ ବିନା ମୂଲ୍ୟରେ ପାଇ ଅନେକ ଖୁସିବ୍ୟକ୍ତ କରିଥିଲେ । ଡାକ୍ତର ମାନଙ୍କ ପରାମର୍ଶ ଅନୁସାରେ କିଛି ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବା ପାଇଁ କୁହାଯାଇଥିଲା ।

## ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରୀ କମିଟି ବୈଠକ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା । ମଂଚର ସଭାପତି ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ । ମନୋରଂଜନ ମିଶ୍ର ସାଧାରଣ ସମ୍ପାଦକ ପୂର୍ବ ସଭାର ବିବରଣୀ ପଠନ କରିଥିଲେ ଯାହାକୁ ସଭାରେ ଅନୁମୋଦନ କରାଗଲା । ଏଜେଣ୍ଡା ଅନୁଯାୟୀ ଆଲୋଚନା ହେଲା ପ୍ରଥମେ ଆସନ୍ତା ୦୧.୧୦. ୨୦୨୨ଦିନ ବରିଷ୍ଠ ନାଗରିକ ଦିବସ ପାଳନ ନିମନ୍ତେ ବିସ୍ତୃତ ଆଲୋଚନା ହେଲା । ପ୍ରତି ସଭ୍ୟ ଟ.୧୦୦/- ଚାନ୍ଦା ଦେବା ପାଇଁ ସ୍ଥିର ହେଲା । ନିମନ୍ତ୍ରିତ ଅତିଥି ଭାବେ ଯେକୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ଡାକିବାକୁ ସ୍ଥିର ହେଲା । ସ୍ଥାନ ଓ ସମୟ ସ୍ଥିର କରିବାକୁ ସଭାପତି ଓ କର୍ମକର୍ତାଙ୍କ ଉପରେ ନ୍ୟସ୍ତ କରାଗଲା । ଏ ବିଷୟ ପରେ ସମସ୍ତଙ୍କୁ ଅବଗତ କରାଯିବ । ଯେଉଁ ସଭ୍ୟମାନେ ଦିର୍ଘ ଦିନରୁ ବାର୍ଷିକ ଚାନ୍ଦା ଦେଇନାହାନ୍ତି ସେମାନଙ୍କୁ ସଭ୍ୟରୁ ବାଦ ଦେବା ପାଇଁ ଆଲୋଚନା ହେଲା । ପ୍ରଥମେ ତାଙ୍କୁ ଆଉଥରେ ଅନୁରୋଧ କରିବା ପାଇଁ ସ୍ଥିର ହେଲା, ଯଦି ସେମାନେ ସେହି ସମୟ ଭିତରେ ଚାନ୍ଦା ନ ଦିଅନ୍ତି ସଭ୍ୟ ପଦ ବାତିଲ କରିଯିବା ପାଇଁ ସ୍ଥିର ହେଲା । ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନ ପରେ ସୁନିଲ ଚନ୍ଦ୍ର ବିଶ୍ୱାଳ ଅତିରିକ୍ତ ସାଧାରଣ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ । ତତ୍ ପରେ ସଭାପତି ସଭା ସାଙ୍ଗ କଲେ ।

## ଯୋଡା ଟ୍ରକ୍ ମାଲିକ ସଂଘର ସିଲଭର ଜୁବୁଲି ପାଳିତ

ଯୋଡା,(ପି.ଏନ):ଯୋଡା ଟ୍ରକ୍ ମାଲିକ ସଂଘର ୨୫ ବର୍ଷ ପୁରି ଯାଇଥିବାରୁ ବିଶ୍ୱକର୍ମା ପୂଜା ଅବସରରେ ଗତ ୧୮ତାରିଖ ସନ୍ଧ୍ୟା ସମୟରେ ଯୋଡା କେନ୍ଦ୍ରୀୟ ଖେଳ ପଡିଆ ଠାରେ ସଂଘର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡିଶାର ସୁନାମଧନ୍ୟ ଗାୟକ ତାରିକ ଅଜିଜ, ଶର୍ମିଷ୍ଠା ସରକାର, ନାଭ୍ୟା ଭଳି ଗାୟକ ମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ସର୍ବ ପ୍ରଥମେ କେନ୍ଦୁଝରର ଆରାଧ ଦେବୀ ମା'ତାରିଣୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ସମ୍ପାଦକ ପ୍ରଥମେ କରୋନା ସମୟରେ ଯେଉଁ ଗାଡି ମାଲିକମାନେ ଦେହତ୍ୟାଗ କରିଥିଲେ ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଯୋଡା ଅଂଚଳରେ ଥିବା ଖଣି ଗୁଡିକ ବନ୍ଦ ହୋଇଯାଇଥିବାରୁ ପରିବହନ ବାଧାପ୍ରାପ୍ତ ହେବା ଯୋଗୁଁ ଗାଡି ମାଲିକମାନଙ୍କର ଆର୍ଥିକ ଅବସ୍ଥା ବହୁ ଶୋଚନୀୟ ଥିବାବେଳେ ସେମାନେ ଅଧର୍ଯ୍ୟ ନହୋଇ ପରିସ୍ଥିତିର ମୁକାବିଲା କରିବା ସହିତ ଯୋଡା ଅଂଚଳର ଉନ୍ନତି ପାଇଁ ସଦା ସର୍ବଦା ତାଙ୍କର ନିଷ୍ଠା ଜାରି ରଖିଥିବାରୁ ଧନ୍ୟବାଦ ଦେବା ସହିତ ଯୋଡା ଟ୍ରକ୍ ମାଲିକ ସଂଘ ଆଗାମୀ ଦିନରେ ଯୋଡା ଅଂଚଳର ଉନ୍ନତି ପାଇଁ ତା'ର ଚେଷ୍ଟା ଜାରି ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ବର୍ଷାକୁ ଖାତିର ନକରି ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ଆନନ୍ଦ ଉଠାଇଥିବା ଦେଖିବାକୁ ମିଳିଥିଲା । ଯୋଡା ସହରବାସୀଙ୍କ ଅକୁଣ୍ଠିତ ସହଯୋଗ ପାଇଁ ସମ୍ପାଦକ ଶ୍ରୀ ସୁଶାନ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କାରୁଆ, ଉପସଭାପତି ବିଜୟ ଉପଙ୍ଗ, କୋଷାଧ୍ୟକ୍ଷ ରାଜେଶ ରୋଶନଙ୍କ ସମେତ ଗାଡି ମାଲିକମାନେ ସହରବାସୀଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ ।

## ପାରାଦୀବାସୀଙ୍କୁ ଜିଓ ଦେଉଛି ଧୋକା-ନିମ୍ନମାନର ସେବାରେ ଗ୍ରାହକ ହନ୍ତସନ୍ତ



ପାରାଦୀପ,(ପି.ଏନ) ବିକାଶଶୀଳ ଭାରତରେ ପ୍ରାୟତଃ ସମସ୍ତ କାର୍ଯ୍ୟ ଡିଜିଟାଲାଇଜେସନ୍ ହେବାରେ ଲାଗିଛି । ମୋବାଇଲ୍ ମାଧ୍ୟମରେ ବହୁତ ଗୁଡିଏ କାର୍ଯ୍ୟ ସମ୍ପାଦିତ ହେଉଛି । ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ତଥା ଦେଶର ପ୍ରମୁଖ ବୃହତ ବନ୍ଦର ପାରାଦୀପରେ ମୋବାଇଲ୍ ଇଂଟରନେଟ୍ ମାଧ୍ୟମରେ ବହୁତ ଗୁଡିଏ କାର୍ଯ୍ୟ ହୋଇଥାଏ । ବନ୍ଦର ବ୍ୟବହାରକାରୀ ସଂସ୍ଥା, ପାରାଦୀପ ବନ୍ଦର, ପାରାଦୀପ ଠାରେ ଥିବା ବ୍ୟାଙ୍କ୍, ବ୍ୟବସାୟୀକ ପ୍ରତିଷ୍ଠାନ ସେମାନଙ୍କର କାର୍ଯ୍ୟ ଗୁଡିକ ଜିଓ ଉପରେ ନିର୍ଭର କରିଥାନ୍ତି । ଦେଶର ପ୍ରମୁଖ ତଥା ଅଗ୍ରଣୀ ମୋବାଇଲ୍ ସେବା ଯୋଗାଣକାରୀ ଜିଓ ସମଗ୍ର ଦେଶରେ ପ୍ରଥମ ସ୍ଥାନରେ ଥିବା ବେଳେ ପାରାଦୀପରେ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଜିଓର ଏଭଳି ବିପର୍ଯ୍ୟସ୍ତ ସେବାରେ ବନ୍ଦର ବ୍ୟବହାରକାରୀ, ପଣ୍ୟ ଆମଦାନୀ ଓ ରପ୍ତାନୀକାରୀ ସଂସ୍ଥାମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷରେ ଜିଓ ତାର ଟାରିଫ ବଢାଇବାରେ ବ୍ୟସ୍ତ ଥିବା ବେଳେ ଅଧିକରୁ ଅଧିକ ଗ୍ରାହକମାନଙ୍କୁ ସିମ୍ ବିକ୍ରି କରି କୋଟି କୋଟି ଟଙ୍କା ରୋଜଗାର କରିବାରେ ଲାଗିଛି । ବିଶେଷ କରି କୋଭିଡ୍ ଟୀକାକରଣ ସ୍ଲଟ୍ ବୁକିଙ୍ଗ ହେଉ କି ଘରେ ରହି କାମ କରିବା ଏବଂ ଅନଲାଇନ୍ ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଥିବା ଯୁବବର୍ଗଙ୍କୁ ଲଗାତର ଭାବେ ପ୍ରତାରିତ କରିଚାଲିଛି । ବନ୍ଦର ସହର ପାରାଦୀପର ଅବସ୍ଥା ଏପରି ଥିବା ବେଳେ ପାରାଦୀପ ଆଖପାଖ ଗ୍ରାମ ଗୁଡିକରେ ଜିଓ ଉପଭୋକ୍ତାମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗ୍ରାମାଂଚଳର ଜିଓ ଉପଭୋକ୍ତାମାନେ ଭଲ ସେବା ପାଇଁ କିଏ ଗଛ ଉପରେ ତ ଆଉ କିଏ ଛାତ ଉପରେ ଠିଆ ହୋଇ ରହୁଥିବା ଦେଖିବାକୁ ମିଳୁଛି । ଜିଓର ଏଭଳି ମନମାନୀ ବିରୁଦ୍ଧରେ ସରକାର କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି । ୪ଜି ସେବା ଯୋଗାଇବାରେ ବିଫଳ ହେଉଥିବା ଜିଓ ପୁଣି ୫ଜି ସେବା ଯୋଗାଇବାର ସ୍ୱପ୍ନ ଦେଖାଇବାରେ ଲାଗିଲାଣି ଯାହାକୁ ଗ୍ରାହକମାନେ ନାପସନ୍ଦ କରିଛନ୍ତି ।

## ଆନନ୍ଦପୁର ବ୍ଲକ ତରଫରୁ ସ୍ୱଚ୍ଛତା ଅଭିଯାନ




ଆନନ୍ଦପୁର,(ପି.ଏନ): ଆନନ୍ଦପୁର ବ୍ଲକ ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ ଚାଲିଥିବା ବେଳେ ୧୯ ଓ ୨୦ ତାରିଖ ଦିନ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକଙ୍କ ଅଧକ୍ଷତାରେ ସ୍ୱଚ୍ଛତାମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ୧୯ ତାରିଖ ଗୟଳମୁଣ୍ଡା ପଂଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଏହି ସ୍ୱଚ୍ଛତା ଅଭିଯାନ ସମସ୍ତ ଗ୍ରାମ ବୁଲି ସଚେତନ କରିବା ସହିତ କିଭଳି ନିଜ ଗ୍ରାମକୁ ସ୍ୱଚ୍ଛତା ରଖିବ ବାର୍ତ୍ତା ଦେଇଥିବା ବେଳେ ଆଜି ୧୧ ଘଟିକା ସମୟରେ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକ ଓ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ପଣସଡିହା ପଂଚାୟତ କାର୍ଯ୍ୟାଳୟ ଠାରୁ ଏକ ବିରାଟ ସଚେତନତା ରାଲି ବାହାରି ଥିଲା । ଏଥିରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇ ସ୍ୱଚ୍ଛତାମୁକ୍ତ ଅଭିଯାନକୁ ସଫଳ କରିବା ନିମନ୍ତେ ଏହି ରାଲି ଗ୍ରାମ ପରିକ୍ରମା କରିବା ସହ ନିଜ ଦେଶ, ରାଜ୍ୟ ଓ ଗ୍ରାମକୁ ସ୍ୱଚ୍ଛତାମୁକ୍ତ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ସ୍ୱଚ୍ଛତାମୁକ୍ତା ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆନନ୍ଦପୁର ବିଡିଓ ଶ୍ରୀଯୁକ୍ତ ମଲ୍ଲିକ ପ୍ରକାଶ କରିଥିଲେ ।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ଙ୍କୁ ୧୪ ବର୍ଷ ଜେଲ ଦଣ୍ଡ

କେନ୍ଦୁଝର,(ପି.ଏନ): ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ପକ୍ସୋ ଡକ୍ଟର ଅନୀଲ କୁମାର ଦତ୍ତ ଜଣେ ନାବାଳିକାକୁ ଗଣ ବଳାତ୍କାର ମାମଲାରେ ଅଭିଯୁକ୍ତ ରଘୁନାଥ ପିଙ୍ଗୁଆ ଓରଫ୍ କନ୍ଦା ମୁଣ୍ଡା ଙ୍କୁ ୧୪ ବର୍ଷ ଜେଲ ଦଣ୍ଡ ଏବଂ ୩୦ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି । ଏହା ସହିତ ଆସାମୀକୁ ୩୦ ହଜାର ଟଙ୍କା ଜୋରିମାନା ଆଦେଶ ହୋଇଥିବା ବେଳେ ଜୋରିମାନା ଅନାଦେୟ ଅଧିକ ୯ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ବ୍ୟତୀତ ବଳାତ୍କାର ଶିକାର ହୋଇଥିବା ନାବାଳିକାକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଆକାରରେ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୁ ନିର୍ଦ୍ଦେଶ ଦେଇଛନ୍ତି । ନାବାଳିକା ଜଣକ ତାଙ୍କ ଭଉଣୀ ଘର ଟିକିରା ଗ୍ରାମକୁ ବୁଲିବାକୁ ଯାଇଥିଲେ । ୨୦୧୯ ମସିହା ମେ ମାସ ୪ ତାରିଖ ସନ୍ଧ୍ୟା ୫ଟା ୩୦ ରେ ନାବାଳିକା ଜଣକ ଜଙ୍ଗଲକୁ ଛତୁ ଗୋଟାଇବାକୁ ଯାଇଥିବା ବେଳେ ରଘୁନାଥ ପିଙ୍ଗୁଆ ଓ ଠୁମ୍ପୁ ମୁଣ୍ଡା ଜଙ୍ଗଲ ମଧ୍ୟରୁ ଟେକି ନେଇ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ ।

## ବି.ଏନ୍. ହାଇସ୍କୁଲର ମୋ ସ୍କୁଲ ଅଭିଯାନ କମିଟି ବୈଠକ ଅନୁଷ୍ଠିତ




ଘଷିପୁରା,(ପି.ଏନ):କେନ୍ଦୁଝର ଜିଲ୍ଲାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବି.ଏନ୍. ହାଇସ୍କୁଲର ମୋ ସ୍କୁଲ ଅଭିଯାନ କମିଟିର ବୈଠକ ବିଦ୍ୟାଳୟ ପ୍ରାଙ୍ଗଣରେ ଇଞ୍ଜିନିୟର ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରଥମେ ବିଦ୍ୟାଳୟର ଜାଗାକୁ ଜବର ଦଖଲ କରାଯାଇଥିବା ବିଷୟରେ ଆଲୋଚନା ହୋଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏକ ନୂତନ ଆଦିବାସୀ ହଷ୍ଟେଲ କରିବା, ଖାଲିଥିବା ୫ଟି ଶିକ୍ଷକ ପଦବୀ ପୂରଣ କରିବା, ଚଳିତ ମାସ ଖାଲି ହେଉଥିବା ପ୍ରଧାନଶିକ୍ଷକ ପଦବୀରେ ଶୀଘ୍ର ନୂଆ ପ୍ରଧାନଶିକ୍ଷକଙ୍କ ନିଯୁକ୍ତି, ଖେଳ ପଡିଆର ତୁରନ୍ତ ପାଚେରୀ ନିର୍ମାଣ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ଆସନ୍ତା ଅକ୍ଟୋବର ୫ ତାରିଖ ଦିନ ବି.ଏନ. ହାଇସ୍କୁଲର ପୁରାତନ ଛାତ୍ର ମାନଙ୍କର ସମ୍ମିଳନୀ କରାଯିବା ପାଇଁ ପୌରପାଳିକାର ଉପ-ନଗରପାଳ ଦୁର୍ଗା ଚରଣ ଦଳେଇ, ଗଗନ ବିହାରୀ ବଟ୍ଟାଚାର୍ଯ୍ୟ,କୈଳାଶଚନ୍ଦ୍ର ନାୟକ ପ୍ରମୁଖଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । ଏହି ବୈଠକରେ ମୋ ସ୍କୁଲ ଅଭିଯାନ କମିଟିର ସମ୍ପାଦକ ମହେଶ୍ୱର ସାହୁ, ପୂର୍ବତନ ମନ୍ତ୍ରୀ ନିରନ ପଟ୍ଟନାୟକ, ପ୍ରଧାନଶିକ୍ଷକ ଉମାକାନ୍ତ ରାଉତ, ପ୍ରଫେସର କୀର୍ତ୍ତନ ବିହାରୀ ପାତ୍ର, ବିନୋଦ ମିଶ୍ର, ପ୍ରଫେସର ରମାକାନ୍ତ ନାୟକ,ସତ୍ୟାନନ୍ଦ ମିଶ୍ର, ରବିନ୍ଦ୍ର କୁମାର ସା,ଚିତ୍ତରନ ଦାଶ,ରାମଚନ୍ଦ୍ର ସାହୁ, ନିରାକାର ଦଳେଇ, ପବିତ୍ର କୁମାର ବେହେରା, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୭ ଗୋଟି ଓ ସାମୁହିକ ଦରଖାସ୍ତ ୨ ଗୋଟି ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ସୋନପୁର ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆଜି ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଏସଇ ପିଡବ୍ଲୁଡି ଇଂ. ଦାମୋଦର କୈବର୍ତ୍ତ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ଡିଏମଓ ଡ଼ଃ. ପ୍ରଦୀପ କୁମାର ଗୁରୁ, ସିଏସଓ ସୁରେଶ ପାଣିଗ୍ରାହୀ, ଡିଇଓ ଲକ୍ଷ୍ମଣ ଭୋଇ, ଜିଏମଡି ଆଇ ସି ବଳଭଦ୍ର ନାଏକ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା କଲ୍ୟାଣ ଅଧିକାରୀ ପାଲାକା ରବୀନ୍ଦ୍ର, ତହସିଲଦାର ନବୀନ କିଶୋର ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ, ସୋନପୁର ସୂର୍ଯ୍ୟଂଶୁ ରୁଟ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ସ୍ୱଛତା ଅଭିଯାନର ସଚେତନତା ବାର୍ତା ନେଇ ସୋନପୁର ବ୍ଲକ ତରଫରୁ ଆୟୋଜିତ ସ୍ୱଚ୍ଛତା ଅଭିଯାନ ସଚେତନତା ରଥକୁ ଜିଲ୍ଲାପାଳ ନରୱଣେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ । ଏହି ରଥ ବ୍ଲକ ଅନ୍ତର୍ଗତ ସମସ୍ତ ପଂଚାୟତ ଅଂଚଳ ପରିକ୍ରମା କରିବ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray